Weekly Multilingual

ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages- 8 | ODIMUL00867 | Rs - 5.00

ଭାଗ:୧, ସଂଖ୍ୟା-୧୬, ଭୁବନେଶ୍ୱର, ୪ ରୁ ୧୦ ମାର୍ଚ୍ଚ, ୨୦୨୪ | Vol-1, Issue-16, Bhubaneswar, 4 to 3 March , 2024

# ୧୯୫ ତାଲିକା ଘୋଷଣା କଲା ବିଜେପି

ନୂଆଦିଲ୍ଲୀ: ୨୦୨୪ ଲୋକସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି ବିଜେପି। ନୂଆଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି ୧୯୫ ପ୍ରାର୍ଥୀଙ୍କ ନାଁ। ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଓ ମହାସଚିବ ବିନୋଦ ତାୱ୍ଡେ ପ୍ରମୁଖ ଉପସ୍ଥିତ ରହି ଘୋଷଣା କରିଥିଲେ ପ୍ରାର୍ଥୀ ତାଲିକା।

ପ୍ରଥମ ପର୍ଯ୍ୟାୟରେ ୧୯୫ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଥିବା ବେଳେ ତା’ ମଧ୍ୟରେ ରହିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାଁ। ସେ ପୁଣି ବାରାଣସୀରୁ ନିର୍ବାଚନ ଲଢ଼ିବେ। ସେହିପରି ଲୋକସଭା ବାଚସ୍ପତି ଓମ୍ ବିର୍ଲା ରାଜସ୍ଥାନର କୋଟାରୁ, ଗୃହ ମନ୍ତ୍ରୀ ଅମିତ ଶାହ ଗୁଜରାଟର ଗାନ୍ଧୀନଗରରୁ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଲକ୍ଷ୍ନୌରୁ ପ୍ରାର୍ଥୀ ହେବେ।

**କେଉଁ ରାଜ୍ୟରୁ କେତୋଟି ଆସନ ?**

ବିଜେପି ଆଜି ୧୬ଟି ରାଜ୍ୟ ଓ ୨ଟି କେନ୍ଦ୍ର ଶାସିତ ଅଞ୍ଚଳରୁ ୧୯୫ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଏହି ତାଲିକାରେ ଉତ୍ତର ପ୍ରଦେଶରୁ ସର୍ବାଧିକ ୫୧ ଜଣ ପ୍ରାର୍ଥୀଙ୍କ ନାଁ ରହିଛି। ପଶ୍ଚିମବଙ୍ଗରୁ ୨୦ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଥିବା ବେଳେ ମଧ୍ୟ ପ୍ରଦେଶରୁ ୨୪, ଗୁଜରାଟରୁ ୧୫, ରାଜସ୍ଥାନରୁ ୧୫, କେରଳରୁ ୧୨, ତେଲଙ୍ଗାନାରୁ ୯, ଆସାମରୁ ୧୧, ଝାରଖଣ୍ଡରୁ ୧୧, ଛତିଶଗଡ଼ରୁ ୧୧, ଦିଲ୍ଲୀରୁ ୫, ଜମ୍ମୁ ଓ କଶ୍ମୀରରୁ ୨, ଉତ୍ତରାଖଣ୍ଡରୁ ୩, ଅରୁଣାଚଳ ପ୍ରଦେଶରୁ ୨, ଗୋଆରୁ ୧, ତ୍ରିପୁରା ୧, ଆଣ୍ଡାମାନରୁ ୧ ଓ ଡାମନ ଡିଉରୁ ଗୋଟିଏ ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି।

**କେଉଁ ବର୍ଗରୁ କେତେ ?**

ଏହି ପ୍ରାର୍ଥୀଙ୍କ ମଧ୍ୟରେ ୨୮ ଜଣ ମହିଳା ଥିବା ବେଳେ ୫୦ରୁ କମ୍ ବୟସର ୪୭ ଜଣ ବ୍ୟକ୍ତି ରହିଛନ୍ତି। ସେହିପରି ଅନୁସୂଚିତ ଜାତିରୁ ୨୭ ଜଣ ପ୍ରାର୍ଥୀ ଥିବା ବେଳେ ଅନୁସୂଚିତ ଜନଜାତିରୁ ୧୮ ଓ ଓବିସିରୁ ୫୭ ଜଣ ପ୍ରାର୍ଥୀ ହୋଇଛନ୍ତି।



ଏହି ୧୯୫ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ୩୪ ଜଣ କେନ୍ଦ୍ର ମନ୍ତ୍ରୀ ଅଛନ୍ତି।

**କିଏ କେଉଁ ଆସନରୁ ଲଢ଼ିବେ ?**

ଅରୁଣାଚଳ ୱେଷ୍ଟରୁ ଲଢ଼ିବେ କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁ। ସେହିପରି ଦିବ୍ରୁଗଡ଼ରୁ ଲଢ଼ିବେ କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୱାଲ। ସ୍ମୃତି ଇରାନୀ ଅମେଠୀରୁ ପ୍ରାର୍ଥୀ ହେବେ। କୋର୍ବାରୁ ସରୋଜ ପାଣ୍ଡେ, ରାୟପୁରରୁ ବ୍ରିଜମୋହନ ଅଗ୍ରୱାଲ, ଦିଲ୍ଲୀ ଚାନ୍ଦିନୀଚୌକରୁ ପ୍ରବୀଣ ଖଣ୍ଡେଲୱାଲ, ନର୍ଥଇଷ୍ଟ ଦିଲ୍ଲୀରୁ ମନୋଜ ତିୱାରୀ, ନୂଆଦିଲ୍ଲୀରୁ ବାଂସୁରୀ ସ୍ୱରାଜ, ପଶ୍ଚିମ ଦିଲ୍ଲୀରୁ କମଲଜୀତ ସହରାୱତ, ଦକ୍ଷିଣ ଦିଲ୍ଲୀରୁ ରାମବୀର ସିଂହ ବିଧୁଡ଼ୀ, ପୋରବନ୍ଦରରୁ ମନସୁଖ ମାଣ୍ଡଭୀୟା, ଉଧମପୁରରୁ ଜିତେନ୍ଦ୍ର ସିଂହ, ଜମ୍ମୁରୁ ଯୁଗଳ କିଶୋର ଶର୍ମା, ଖୁଣ୍ଟିରୁ ଅର୍ଜୁନ ମୁଣ୍ଡା, ସିଂହଭୂମରୁ ଗୀତା କୋଡ଼ା, ହଜାରୀବାଗରୁ ମନୀଷ ଜୟସୱାଲ, ତିରୁଅନନ୍ତପୁରମରୁ ରାଜୀବ ଚନ୍ଦ୍ରଶେଖର, ଗୁନାରୁ ଜ୍ୟୋତିରାଦିତ୍ୟ ସିନ୍ଧିଆ, ବିଦିଶାରୁ ଶିବରାଜ ସିଂହ ଚୌହାନ, ବିକାନିରରୁ ଅର୍ଜୁନରାମ ମେଘୱାଲ, ଅଲୱାରରୁ ଭୂପେନ୍ଦ୍ର ଯାଦବ, ଯୋଧପୁରରୁ ଗଜେନ୍ଦ୍ର ସିଂହ ଶେଖାୱତ, ମଣ୍ଡଲାରୁ ଫଗ୍ଗନ ସିଂହ କୁଲସ୍ତେ, ସିକନ୍ଦରାବାଦରୁ ଜି. କୀଷନ ରେଡ୍ଡୀ, ତ୍ରିପୁରା ପଶ୍ଚିମରୁ ବିପ୍ଳବ ଦେବ, ମଥୁରାରୁ ହେମା ମାଳିନୀ, ଖେରିରୁ ଅଜୟ ମିଶ୍ରା ଟେନି, ଫତେପୁରରୁ ସାଧ୍ୱୀ ନିରଞ୍ଜନା ଜ୍ୟୋତି, ଦୁମୁରିଆଗଞ୍ଜରୁ ଜଗଦମ୍ବିକା ପାଲ୍ ?, ଗୋରଖପୁରରୁ ରବି କିଷନ, କୁଚ୍ ?ବେହାରରୁ ନୀଶିଥ ପ୍ରମାଣିକ, ବେଲୁରଘାଟରୁ ସୁକାନ୍ତ ମଜୁମଦାର ଓ ହୁଗ୍‌ଲିରୁ ଲକେଟ ଚାଟାର୍ଜୀ ପ୍ରମୁଖଙ୍କ ନାଁ ପ୍ରଥମ ପର୍ଯ୍ୟାୟ ତାଲିକାରେ ଅଛି।

# ଲୋକାର୍ପିତ ହେଲା ବାବା ସାହେବ ଭୀମ୍ ରାଓ ଆମ୍ବେଦକର ବସ୍ ଟର୍ମିନାଲ



ଭୁବନେଶ୍ୱର (ଭିଓଭି): ରାଜଧାନୀ ଭୁବନେଶ୍ୱରରେ ନବନିର୍ମିତ ବାବା ସାହେବ ଭୀମ୍ ରାଓ ଆମ୍ବେଦକର ବସ୍ ଟର୍ମିନାଲ ଲୋକାର୍ପିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବସ୍ ଟର୍ମିନାଲ୍‌କୁ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ବସ୍ ଟର୍ମିନାଲ ଯାତ୍ରୀମାନଙ୍କୁ ଉତ୍ତମ ସେବା ଯୋଗାଇଦେବାରେ ସଫଳ ହେବ। ଭୁବନେଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଲ୍ୟାଣ୍ଡମାର୍କ ହୋଇ ରହିବା ସହିତ ସାରା ଓଡ଼ିଶାରେ ଏକ ନୂଆ ପରିଚୟ ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଆମ ସମ୍ବିଧାନ ପ୍ରସ୍ତୁତ କରିବାରେ ବାବା ସାହେବ ଭୀମ୍‌ରାଓ ଆମ୍ବେଦକରଙ୍କ ମୁଖ୍ୟ ଭୂମିକା ରହିଥିଲା। ଭାରତୀୟ ସମ୍ବିଧାନର ପ୍ରଣେତା ଭାବେ ସେ ଜଣାଶୁଣା। ଦେଶ ପାଇଁ ତାଙ୍କ ଅବଦାନକୁ ସମ୍ମାନ ଜଣାଇ ତାଙ୍କ ନାଁରେ ଏହି ବସ୍ ଟର୍ମିନାଲ ଓଡ଼ିଶା ସରକାର ନାମିତ କରାଯାଇଛି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ବାବା ସାହେବଙ୍କ ପ୍ରତି ଓଡ଼ିଶାବାସୀଙ୍କ ଏହା ହେଉଛି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ବାବା ସାହେବଙ୍କ ଅବଦାନ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବସ୍ ଟର୍ମିନାଲ ଭିତରେ ବାବା ସାହେବଙ୍କ ଜୀବନ ଓ ଆଦର୍ଶ ଉପରେ ଆଧାରିତ ଏକ ଗ୍ୟାଲେରୀ ମଧ୍ୟ କରାଯାଇଛି ମୁଖ୍ୟମନ୍ତ୍ରୀ କହିଛନ୍ତି।

୫-ଟି ଉପକ୍ରମରେ ହୋଇଥିବା ଏହି ବସ୍ ଟର୍ମିନାଲ ବସ୍ ମାଲିକ, ବ୍ୟବସାୟୀ, ଯାତ୍ରୀ ତଥା ସମସ୍ତ ଜନସାଧାରଣଙ୍କ ସହଯୋଗରେ ନିର୍ମିତ ହୋଇଛି। ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ସେଥିପାଇଁ ଧନ୍ୟବାଦ ଜଣାଇ କହିଥିଲେ ଯେ ଏହି ବସ୍ ଟର୍ମିନାଲ୍‌ରେ ଯାତ୍ରୀମାନଙ୍କୁ ଉତ୍ତମ ସେବା ଯୋଗାଇଦେବା ପାଇଁ ସବୁ ପ୍ରକାର ସୁବିଧା କରାଯାଇଛି। ଏଠାରେ ଜରୁରୀ କାଳୀନ ଚିକିତ୍ସାଠାରୁ ଆରମ୍ଭ କରି ବ୍ୟବସାୟିକ କମ୍ପ୍ଲେକ୍ସ, ଏସ୍କାଲେଟର, ଲିଫ୍ଟ, ପ୍ରତିକ୍ଷାଳୟ, ପୋଲିସ୍ ଫାଣ୍ଡି, ଡ୍ରାଇଭରମାନଙ୍କ ବିଶ୍ରାମ କକ୍ଷ, ଆହାର କେନ୍ଦ୍ର, ଫୁଡ୍ କୋର୍ଟ ଆଦି ସମସ୍ତ ସୁବିଧା ରହିଛି। ଏୟାରପୋର୍ଟ ଭଳି ଯାତ୍ରୀମାନେ ଏଠାରେ ସବୁ ସୁବିଧା ପାଇ ପାରିବେ ବୋଲି ସେ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଏହି ବସ୍ ଟର୍ମିନାଲର ଉପଯୁକ୍ତ ରକ୍ଷଣା ବେକ୍ଷଣରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ପତାକା ଦେଖାଇ ବସ୍ ଚଳାଚଳର ଶୁଭାରମ୍ଭ କରିବା ସହିତ ଆହାର କେନ୍ଦ୍ରରେ ଯାତ୍ରୀମାନଙ୍କୁ ଖାଦ୍ୟ ପରସିଥିଲେ ମୁଖ୍ୟମନ୍ତ୍ରୀ।

କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ବିଜ୍ଞାନ ଓ ବୈଷୟିକ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଥିଲେ ଯେ ଭୁବନେଶ୍ୱରର ବିକାଶରେ ଆଜି ଆଉ ଏକ ନୂଆ ଫର୍ଦ୍ଦ ଯୋଡି ହେଲା। ପରିବହନ କ୍ଷେତ୍ରରେ ଯାହା ଆମ ପାଇଁ ସ୍ୱପ୍ନ ଥିଲା, ତାହା ଆଜି ପୂରଣ ହେଲା।

୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ସହିତ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଛିଣ୍ଡିଲା ଆସନ ଅଙ୍କ !

## ଉଦ୍ଧବ ୨୧, ୧୫ଟିରେ ଲଢ଼ିବ କଂଗ୍ରେସ

**ନୂଆଦିଲ୍ଲୀ:** ପାଖେଇ ଆସିଲାଣି ଲୋକସଭା ନିର୍ବାଚନ। ଏଥିପାଇଁ ପ୍ରସ୍ତୁତ ହୋଇଗଲେଣି ସମସ୍ତ ରାଜନୈତିକ ଦଳ। ଆରମ୍ଭ ହୋଇଗଲାଣି ଅଙ୍କକଷା। କାହାକୁ କେତୋଟି ଆସନ ମିଳିବ କିଏ କେଉଁଠୁ ଲଢ଼ିବ ସେ ନେଇ ଚାଲିଛି କସରତ। ଏହାରି ଭିତରେ ମହାରାଷ୍ଟ୍ରରେ ଲୋକସଭା ନିର୍ବାଚନ ପାଇଁ ଆସନ ଭାଗବଣ୍ଟା ଛିଣ୍ଡିଥିବା ଜଣାପଡିଛି।

ସୂଚନା ମୁତାବକ, ଉଦ୍ଧବ ଠାକରେଙ୍କ ଶିବସେନା ୨୧, କଂଗ୍ରେସ ୧୫ ଓ ଏନ୍‌ସିପି ଶରଦ ପାୱାରଙ୍କୁ ୯, ବିବିଏକୁ ୨ ଓ ରାଜୁ ଶେଟ୍ଟୀଙ୍କ ସ୍ୱାଭିମାନୀ ଦଳକୁ ଗୋଟିଏ ସିଟ୍ ଦିଆଯାଇଥିବା ଜଣାପଡିଛି। ସେହିପରି ଶିବସେନା ୟୁବିଟି ମୁମ୍ବାଇର ୬ଟି ସିଟ୍ ମଧ୍ୟରୁ ୪ଟିରେ ପ୍ରତିଦ୍ୱନ୍ଦ୍ୱିତା କରିବ। ବଞ୍ଚିତ ବାହୁଜନ ଆଘାଡିକୁ ଶିବସେନା ୟୁବିଟି ନିଜ କୋଟାରେ ମୁମ୍ବାଇ ଉତ୍ତର ପୂର୍ବ ସିଟ୍ ଦେଇପାରେ। ତେବେ, ବର୍ତ୍ତମାନ ପର୍ଯ୍ୟନ୍ତ ଏହା ଆସନ ବଣ୍ଟନର ଏକ ସମ୍ଭାବ୍ୟ ଫର୍ମୁଲା ଯାହା ଉପରେ ଏମ୍‌ଭିଏର ବରିଷ୍ଠ ନେତାମାନେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବେ। ଶିବସେନା ୟୁବିଟି ନେତା ସଞ୍ଜୟ ରାଉତ କହିଛନ୍ତି, ମହାବିକାଶ ଅଘାଡି (ଏମ୍‌ଭିଏ) ମେଣ୍ଟର ସଦସ୍ୟମାନେ ଆସନ୍ତା ଲୋକସଭା ନିର୍ବାଚନ ପାଇଁ ମହାରାଷ୍ଟ୍ରରେ ଆସନ ଭାଗବଣ୍ଟାକୁ ନେଇ ସହମତି ପ୍ରକାଶ କରିଛନ୍ତି। ଖୁବ ଶୀଘ୍ର ଏନେଇ ଘୋଷଣା କରାଯିବ। ମୁମ୍ବାଇରେ କଂଗ୍ରେସ,



ଏନ୍‌ସିପି (ଶରଦଚନ୍ଦ୍ର ପାୱାର) ଏବଂ ଶିବସେନା (ୟୁବିଟି)ର ବୈଠକ ପରେ ସେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ଏହି ସୂଚନା ଦେଇଛନ୍ତି।

ମହାରାଷ୍ଟ୍ରରେ ବିରୋଧୀ ମହା ବିକାଶ ଆଘାଡି (MVA) ନେତାଙ୍କ ଏକ ବୈଠକ ଶରଦ ପାୱାରଙ୍କ ଘରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମହାରାଷ୍ଟ୍ରର ସମସ୍ତ ୪୮ଟି ଲୋକସଭା ଆସନ ବଣ୍ଟନ ଉପରେ ଆଲୋଚନା କରାଯାଇଥିଲା। କଂଗ୍ରେସ ବ୍ୟତୀତ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି) ଏବଂ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନସିପିର ଟପ୍ ନେତାମାନେ ଏହି ବୈଠକରେ ସାମିଲ ହୋଇଥିଲେ।

# ସଂ ପା ଦ କୀ ୟ

**୪ ରୁ ୧୦ ମାର୍ଚ୍ଚ ୨୦୨୪**

## ସଂସ୍କୃତି ଓ ମହତ ସଂସ୍କୃତି

'ସଂସ୍କାର' ଶବ୍ଦରୁ ସଂସ୍କୃତି ଶବ୍ଦର ସୃଷ୍ଟି। ସ୍ୱାମୀ ବିବେକାନନ୍ଦ 'ସଂସ୍କାର' ଶବ୍ଦର ଅର୍ଥ ବୁଝାଇବାକୁ ଯାଇ କହିଥିଲେ ଏହା ହେଉଛି ସହଜାତ ପ୍ରବଣତା। ସେ ମନକୁ ଏକ ହ୍ରଦ ସହ ତୁଳନା କରିଛନ୍ତି। ହ୍ରଦରେ ତରଙ୍ଗ ସୃଷ୍ଟି ହୁଏ। ମାତ୍ର ତାହା ପ୍ରଶମିତ ହେଲେ ମଧ୍ୟ ସମ୍ପୂର୍ଣ୍ଣ ଲୁପ୍ତ ହୁଏ ନାହିଁ। ପୁଣି ପବନ ବହିଲେ ସେହି ତରଙ୍ଗର ପୁନରାବିର୍ଭାବର ସମ୍ଭାବନା ଥାଏ। ଠିକ୍ ସେପରି ଆମେ ଯାହାସବୁ କର୍ମକରୁ, ଯାହା ସବୁ ଚିନ୍ତା କରୁ, ସେଗୁଡ଼ିକ ଆମ ମନ ଉପରେ ଛାପ ଛାଡ଼ିଯାଆନ୍ତି। ସେହି ଛାପଗୁଡ଼ିକର ସମଷ୍ଟିକୁ ସଂସ୍କାର କୁହାଯାଏ। ସେହି ସଂସ୍କାର ଅବଚେତନ ମନରେ ଆମ ଅଜ୍ଞାତସାରରେ ମଧ୍ୟ କାର୍ଯ୍ୟ କରେ ଓ ଆମକୁ ପ୍ରଭାବିତ କରେ। ଆମେ ବର୍ତ୍ତମାନ ଯାହା, ତାହା ଆମ ଅତୀତ ଜୀବନର ଏହିସବୁ ସଂସ୍କାର ସମଷ୍ଟି ଦ୍ୱାରା ନିରୂପିତ ହୁଏ। ଏହାକୁ କୁହାଯାଏ ବ୍ୟକ୍ତିଗତ ସଂସ୍କୃତି। ଜଣକର ରୁଚିବୋଧ, ଆଦର୍ଶ ଆଚରଣ ଆଦି ଯେପରି ତାର ବ୍ୟକ୍ତିଗତ ସଂସ୍କୃତିର ସୂଚନା ଦିଏ, ସେହିପରି ଯେଉଁସବୁ ଗୁଣ ଆଦର୍ଶ ଓ ଆଚରଣ ଦ୍ୱାରା ଗୋଟିଏ ଗୋଷ୍ଠୀ, ସମାଜ ବା ଦେଶ ଚିହ୍ନିତ ହୁଅନ୍ତି ସେସବୁର ସମାହାର ହେଉଛି ସାମୂହିକ ସଂସ୍କୃତି।

'ସଂସ୍କୃତ' ଶବ୍ଦକୁ ଆମେ 'ମାର୍ଜିତ' ଅର୍ଥରେ ବ୍ୟବହାର କରୁ। ଏଣୁ ସାମୂହିକ ଦୁର୍ଗୁଣ 'ସଂସ୍କୃତି'ର ଅନ୍ତର୍ଗତ ନୁହେଁ। ଯାହା ମଣିଷକୁ ମହତ୍ତର ଚିନ୍ତା ବା ଚେତନାର ଅନୁଭବ ଆଣିଦିଏ, ସାମୂହିକ ଜୀବନରେ ଯେଉଁ ବିଧିବିଧାନ ଜୀବନକୁ ଶୃଙ୍ଖଳିତ ଓ ମାର୍ଜିତ କରେ ତାକୁ ହିଁ ଆମେ ସଂସ୍କୃତି କହୁ। "Aesthetic and Ethical Culture" ପ୍ରବନ୍ଧରେ ଶ୍ରୀ ଅରବିନ୍ଦ କହିଛନ୍ତି, "ଗୋଟିଏ ଜାତି ଯଦି ଜ୍ଞାନ ବିଜ୍ଞାନ ଓ କଳାରେ ଯଥେଷ୍ଟ ବିକାଶ ଲାଭ କରିବା ସତ୍ତ୍ୱେ ସାଧାରଣ ଦୃଷ୍ଟିଭଙ୍ଗୀ, ଜୀବନଧାରା ଓ ଚିନ୍ତାରେ ଜ୍ଞାନ, ସତ୍ୟ, ସୌନ୍ଦର୍ଯ୍ୟବୋଧ ଓ ଜୀବନର ମହତ୍ତର ଆଦର୍ଶଦ୍ୱାରା ପରିଚାଳିତ ନ ହୋଇ ସ୍ଥୁଳ ପ୍ରାଣିକ ଆବେଗ, ଆର୍ଥନୀତିକ ବଣିକ ସୁଲଭ ଦୃଷ୍ଟିଭଙ୍ଗୀ ଦ୍ୱାରା ପରିଚାଳିତ ହୁଏ ସେ ଜାତି ଗୋଟିଏ ଅର୍ଥରେ ସଭ୍ୟ ହୋଇପାରେ, ମାତ୍ର ତାର ସମସ୍ତ ପ୍ରାଚୁର୍ଯ୍ୟ ଓ ସଭ୍ୟତାର ଯନ୍ତ୍ରପାତି ସତ୍ତ୍ୱେ ସେ ଜାତି ଏକ ସଂସ୍କୃତି ସମ୍ପନ୍ନ ମାନବଗୋଷ୍ଠୀ ହେବାର ପ୍ରତିଶ୍ରୁତି ବହନ କରେ ନାହିଁ।"

ପ୍ରତ୍ୟେକ ଜାତିର ସଂସ୍କୃତିର ଚେର ଥାଏ ହଜାର ହଜାର ବର୍ଷ ତଳେ। ତାର ବିକାଶ ପ୍ରକ୍ରିୟାରେ ତାହା ଅନ୍ୟ ସଂସ୍କୃତି ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଥାଏ। ଜବାହାରଲାଲ ନେହେରୁ କହନ୍ତି, ପୃଥିବୀର କୌଣସି ସଂସ୍କୃତି ସମ୍ପୂର୍ଣ୍ଣ ମୌଳିକ ବା ଖାଣ୍ଟି ନୁହେଁ। କେହି କହିପାରିବେ ନାହିଁ ଯେ ସେ ଏକ ନିର୍ଦ୍ଦିଷ୍ଟ ମୌଳିକ ଜାତିର ଅନ୍ତର୍ଭୁକ୍ତ। ବେଳେବେଳେ କୌଣସି କୌଣସି ଗୋଷ୍ଠୀ ମଧ୍ୟରେ ଭୟ ହୁଏ ଯେ ସେମାନଙ୍କ ସଂସ୍କୃତି ବାହ୍ୟ ସଂସ୍କୃତି ଦ୍ୱାରା ପ୍ରଭାବିତ ହେଉଛି। ଏହି ଆଶଂକା ଯୋଗୁଁ ସେମାନେ ନିଜକୁ ଅନ୍ୟଠାରୁ ଦୂରେଇ ରଖନ୍ତି ଓ ଅନ୍ୟ ସଂସ୍କୃତିର ଚିନ୍ତା ଓ ଭାବନାକୁ ଗ୍ରହଣ କରନ୍ତି ନାହିଁ। ଏହା ଏକ ସମୁଚିତ ଅବସ୍ଥା ନୁହେଁ, କାରଣ ସ୍ଥିରତା ବିକାଶର ଲକ୍ଷଣ ନୁହେଁ। ସଂସ୍କୃତି ମଧ୍ୟ ପରିବର୍ତ୍ତନଶୀଳ। ଗୋଟିଏ ଦେଶ ବା ଜାତିର ସଂସ୍କୃତି ସେଠାକାର ଭୌଗୋଳିକ ଅବସ୍ଥା, ଜଳବାୟୁ ଓ ଅନ୍ୟାନ୍ୟ ପ୍ରାସଙ୍ଗିକ ଘଟଣା ଦ୍ୱାରା ପ୍ରଭାବିତ ହୁଏ। ପ୍ରାକୃତିକ ଅବସ୍ଥାର ପରିବର୍ତ୍ତନ ହେଲେ ସଂସ୍କୃତିର ମଧ୍ୟ ପରିବର୍ତ୍ତନ ହେବା ସ୍ୱାଭାବିକ।

ଏଣୁ କେବଳ ନିଜ ସଂସ୍କୃତିକୁ ଠିକ୍ କହି ଓ ଅନ୍ୟ ସଂସ୍କୃତିକୁ କ୍ଷତିକାରକ କହି ନିଜକୁ ବାହ୍ୟ ଜଗତରୁ ବିଚ୍ଛିନ୍ନ ରଖିଲେ ଆମେ ସଂକୁଚିତ ହୋଇଯିବା। ଗଛଟିଏ କେବଳ ଚେରରେ ବଞ୍ଚେ ନାହିଁ। ସୂର୍ଯ୍ୟକିରଣ ଓ ମୁକ୍ତପବନ ବିନା ଗଛଟି ଶୁଖିଯିବ। ପ୍ରତ୍ୟେକ ଜାତିର ଏକ ସଂସ୍କୃତି ଅଛି ଯାହା ହେଉଛି ହଜାର ହଜାର ବର୍ଷର ଅନୁଭୂତି ଓ ପ୍ରଜ୍ଞାର ସମଷ୍ଟି। ମାତ୍ର ସେହି ସଂସ୍କୃତି ପଲ୍ଲବିତ ଓ ପୁଷ୍ପିତ ହୁଏ ଯେତେବେଳେ ତାହା ବାହ୍ୟ ଜଗତର ପ୍ରାକୃତିକ ପ୍ରଭାବକୁ ମଧ୍ୟ ଗ୍ରହଣ କରିନିଏ। ଆମେ ଅନ୍ୟମାନଙ୍କ ପ୍ରତି କିପରି ବ୍ୟବହାର ପ୍ରଦର୍ଶନ କରୁ ତାହା ହେଉଛି ଆମ ସଂସ୍କୃତି। ଏହାର ଅର୍ଥ ହେଉଛି ଅନ୍ୟମାନଙ୍କୁ ବୁଝିବାର ସାମର୍ଥ୍ୟ ଓ ଅନ୍ୟମାନେ ଆମକୁ ବୁଝିପାରିବା ଭଳି ବ୍ୟବହାର ପ୍ରଦର୍ଶନ କରିବାର ସାମର୍ଥ୍ୟ। ଯେଉଁ ବ୍ୟକ୍ତି ଅନ୍ୟବ୍ୟକ୍ତିର ଦୃଷ୍ଟିକୋଣକୁ ବୁଝିପାରେ ନାହିଁ ତାର ସଂସ୍କୃତିର ପରିସର ସୀମିତ, କାରଣ କୌଣସି ବ୍ୟକ୍ତି ସମ୍ପୂର୍ଣ୍ଣ ଜ୍ଞାନର ଅଧିକାରୀ ହୋଇପାରିବ ନାହିଁ। ଅନ୍ୟ ଜାତିର ମଧ୍ୟ ଜ୍ଞାନ ଗରିମା ଓ ସତ୍ୟ ପ୍ରତି ପ୍ରବଣତା ଥାଇପାରେ। ମାତ୍ର ଆମେ ଯଦି ସେଥିପ୍ରତି ଆଖି ବୁଜିଦେବା, ଆମେ ସେଥିରୁ ବଞ୍ଚିତ ହେବା ଓ ବିକଶିତ ହୋଇପାରିବା ନାହିଁ। ଏହା ଏକ ସଂସ୍କୃତି ସମ୍ପନ୍ନ ମଣିଷର ଦୃଷ୍ଟିଭଙ୍ଗୀ ନୁହେଁ। ଏଣୁ ଏକ ସଂସ୍କୃତି ସମ୍ପନ୍ନ ମନ ତାର ଦ୍ୱାର ଓ ଝରକାଗୁଡ଼ିକୁ ସର୍ବଦା ଖୋଲାରଖେ।

**ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ



# ବିଶ୍ୱ ଦେଖ ମଧୁମୟ

**ସଲିଳା ତ୍ରିପାଠୀ**

କଥାରେ ଅଛି 'ଦୂର ବନ୍ଧୁ ସୁନ୍ଦର'। ସେମିତି ଦୂର ପରବତ ସୁନ୍ଦର। ସମ୍ପର୍କକୁ ସୁଦୃଢ଼ କରିବାକୁ ହେଲେ ସେଥିରେ ନିର୍ଦ୍ଦିଷ୍ଟ ଦୂରତା ରଖିବା ଜରୁରୀ। ନଚେତ୍ ସମ୍ପର୍କଟା ପାଣିଚିଆ ହୋଇଯାଏ। ଦିନ ଥିଲା ଭାବର ଆଦାନପ୍ରଦାନ ପାଇଁ ମଣିଷ ପକ୍ଷୀର ସାହାରା ବି ନେଉଥିଲା। ସଦ୍ୟ ବିବାହିତା ନବବଧୂଟିଏ ସୁଦୂରରେ ଥିବା ତା'ର ସାଥୀଟିଏ ଖବର ପାଇଁ କେତେ ଆକୁଳ ବିକଳ ହୋଇ ପୋଷ୍ଟମ୍ୟାନ୍‌ର ଘଣ୍ଟିକୁ ଅନାଇ ରହୁଥିଲା। ଦୂରରେ ଥିବା କଥା ଛାଡନ୍ତୁ ପାଖରେ ଥିବା ସ୍ୱାମୀର ମୁହଁ ବି ଦେଖିବା ସାତସପନ ଥିଲା। କଥା ହେଲେ ଅଣ୍ଡିରାଚଣ୍ଡୀ ବୋଲି କୁହାଯାଉଥିବାରୁ ପତ୍ନୀମାନେ ପାଟିରେ ବିଭିନ୍ନ ଶବ୍ଦ କରି ମନର କଥାକୁ ପରିପ୍ରକାଶ କରୁଥିଲେ।

> **ଖାଲି ଗୋଟିଏ କଥା ମନକୁ ଆସୁଛି ବିଜ୍ଞାନର ଅଜସ୍ର ଉନ୍ନତିରେ ଯଦି ଆତ୍ମମାନଙ୍କୁ ସ୍ୱର୍ଗ ନର୍କର ଚିତ୍ର ଓ ସେଠାକାର ପରିସ୍ଥିତି ସମ୍ପର୍କରେ ବା ନିଜର ଆତ୍ମୀୟ ସ୍ୱଜନଙ୍କର ଅବର୍ତ୍ତମାନରେ ଭିଡିଓ କଲ୍ କରି ଦେଖା ଯାଇପାରନ୍ତା ତେବେ ହିଁ ହୁଅନ୍ତା ଚମତ୍କାର। କାରଣ ବଞ୍ଚିଥିବା ଅବସ୍ଥାରେ ସମ୍ପର୍କର ମୂଲ୍ୟ ବୁଝିବା ବୋଧହୁଏ ଏତେ ସହଜ ନୁହେଁ। ସେଇଥିପାଇଁ ସମ୍ପର୍କର ସୂତାଖିଅ ଟିକକ ସାମାନ୍ୟ କଥାରେ ମଧ୍ୟ ଛିଣ୍ଡିଯାଏ। ଆଉ ତାକୁ ଯୋଡି ରଖିବା ପାଇଁ ଆବଶ୍ୟକ ଧୈର୍ଯ୍ୟ, ସହନଶୀଳତା, ତ୍ୟାଗକୁ ଆଦରି ଅହଙ୍କାର, ଅସୂୟା ଓ କ୍ରୋଧ ପରି ଦୁର୍ଗୁଣଗୁଡିକର ପାଖ ନ ମାଡିବା ହିଁ ଶ୍ରେୟ।**




ଅତି ଆବଶ୍ୟକୀୟ କଥା ବା ଖବରକୁ ପଠାଇବା ପାଇଁ ଦୁଇରୁ ଚାରିଦିନ ଲାଗି ଯାଉଥିଲା। ଯେତେବେଳକୁ ଘଟଣାର ଆବଶ୍ୟକତାର ମୂଲ୍ୟ ପ୍ରାୟ କମି ଯାଉଥିଲା। ରାଜା ଘରେ କଟୁଆଳମାନେ ଖବର ନେଇ ମାସ ମାସ, ବର୍ଷ ବର୍ଷ ଅନ୍ୟ ରାଜ୍ୟମାନଙ୍କୁ ଯାଉଥିଲେ। ଆଉ ଥରେ ଗୃହ ତ୍ୟାଗକରି ଗଲେ ବାଟରେ ଅନେକ ପ୍ରକାରର ଭୟ ଆଶଙ୍କା କରାଯାଉଥିଲା। ତା' ଫଳରେ ଯିବା ଆୟତ୍ତ ଓ ଫେରିବା ଅଣାୟତ୍ତ ବୋଲି ଧରାଯାଉଥିଲା। କୋଣାର୍କ ମନ୍ଦିରର ଗଠନ ବେଳେ ତା'ର ମୁଖ୍ୟ କାରିଗର ବିଶୁ ମହାରଣା ଘରୁ ଆସିଲା ବେଳେ ତାଙ୍କର ପତ୍ନୀ ଆସନ୍ନପ୍ରସବା ଥିବାବେଳେ ପରବର୍ତ୍ତୀ ସମୟରେ ଘଟଣା ପ୍ରସଙ୍ଗରେ ତାଙ୍କର ୧୨ ବର୍ଷର ପୁତ୍ର ଧର୍ମପଦକୁ ନ ଚିହ୍ନି ପାରିବାର ସମ୍ଭାବନା ଏସବୁ ଅସୁବିଧାର ପ୍ରମାଣ ଦେଇଥାଏ। ବିଦେଶରେ ରହୁଥିବା ବଡ ଭାଇ ଭଉଣୀଙ୍କର ପଇସାକୁ ଅନାଇ ପରୀକ୍ଷାର ଫର୍ମ ପୂରଣ କରିବାର ଇଚ୍ଛା ଛୋଟ ଭାଇ ଭଉଣୀର ଇଚ୍ଛାରେ ହିଁ ରହିଯାଏ କିମ୍ବା ପଇସା ପାଇଲା ବେଳକୁ ପରୀକ୍ଷାର ସମୟ ଗଡ଼ି ଯାଇଥାଏ। କେତେବେଳେ ବାପ ମା'ଙ୍କର ଶେଷ ସମୟରେ ଅନୁପସ୍ଥିତ ହୋଇ ପିଲାମାନେ ସବୁଦିନ ପାଇଁ ଦୋଷୀ ପାଲଟି ଯାଆନ୍ତି। ପୁଣି ବେଳେବେଳେ ପ୍ରେମିକାଟିଏ ଅପେକ୍ଷାର ଜ୍ୱାଳାକୁ ସହନ କରି କରି ଆଉ କାହା ହାତ ଧରି ଚାଲିଯାଏ ମନ କଥା ମନରେ ଚାପି ସ୍ୱପ୍ନ ବହିର୍ଭୂତ ନୂତନ ସଂସାରଟିଏ ଗଢ଼ିବା ପାଇଁ।

ଚିଠିର ସମୟ ଆସିଲା ପରେ ଅତି କମ୍‌ରେ ମଣିଷ ମନର କଥାକୁ କାଗଜରେ ଉତ୍ତାରି ଦେଇ ମନକୁ ହାଲ୍‌କା କରିଥାଏ। ଚିଠିର ବାସ୍ନା ପ୍ରକୃତରେ ନିଆରା। ଆପଣାର ଲୋକଠାରୁ ଚିଠିଟିଏ ପାଇଲେ ତା'ର ମଜା ବାସ୍ତବିକ ସ୍ୱତନ୍ତ୍ର। ଜରୁରୀ ସମ୍ବାଦ ପାଇଁ ଟେଲିଗ୍ରାମ୍ ସୁବିଧା କଥା ମଧ୍ୟ ସେତେବେଳର ମଣିଷମାନେ ମନେ ରଖିଥିବେ। କାରଣ ଡାକବାଲାର ଟେଲିଗ୍ରାମ୍ ଟେଲିଗ୍ରାମ୍ ଡାକଟିକୁ ଶୁଣିଲେ ଛାତି ଭିତରଟା କ'ଣ ହୋଇଯାଏ।

ଅନେକ ଘାତ ପ୍ରତିଘାତ ପରେ ମାନବ ସମାଜ ଟେଲିଫୋନ୍‌ର ସୁବିଧାକୁ ଉପଭୋଗ କଲା। ଏକବିଂଶ ଶତାବ୍ଦୀରେ ଘରେ ଘରେ ଟେଲିଫୋନ୍ ସୁବିଧା ହୋଇଗଲା। ଧୀରେ ଧୀରେ ଡାକବାଲାର ଚିଠି ଆଉ ଟେଲିଗ୍ରାମ୍‌ର ଡାକ କୁଆଡେ ଉଭେଇଗଲା। ଗ୍ରାମାଞ୍ଚଳରେ ମାତ୍ର ଦୁଇତିନିଟି ଘରେ ଟେଲିଫୋନ୍‌ର ସୁବିଧା। କିନ୍ତୁ ମାସ ଶେଷରେ ଲମ୍ବା ଲମ୍ବା ବିଲ୍‌କୁ ଦେଖି ଡର ମାଡେ। ଅତି ଜରୁରୀ ନହେଲେ କେହି ଫୋନ୍ କରିବାକୁ ଇଚ୍ଛା କରୁନଥିଲେ। କହିବାର ଅଭିପ୍ରାୟ ଏହି କି ଯେ ସମ୍ପର୍କ ତଥାପି ସୀମିତ ଥିଲା ଆଉ କିଛି କଥା ଅକୁହା ରହିଯାଉଥିଲା। ତା'ଛଡା ଦେଶ ବିଦେଶର ବଡ ବଡ ଖବର ଜାଣିବା ପାଇଁ ଗଣମାଧ୍ୟମର ପ୍ରମୁଖ ମାଧ୍ୟମ ସମ୍ବାଦପତ୍ର, ଟିଭି, ରେଡିଓ ଆଦି ମଧ୍ୟ ଉପଯୋଗ କରାଯାଉଥିଲା। ସମୟ ବଦଳିବା ସହିତ ଆମେ ସମସ୍ତେ ପ୍ରାୟତଃ ମୋବାଇଲ୍ ଫୋନ୍ ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ ହୋଇଯାଇଛେ। ନୂଆ ନୂଆ ମୋବାଇଲ୍ ଫୋନ୍ ବାହାରିବା ବେଳେ ନାଁ ଲେଖା ହୋଇକି ବାହାରେ ଲାଗେ ଯା ହେଉ କି କରାମତି ଏଇ ମୋବାଇଲ୍‌ର। ଆଉ ଏବେ ତ ଟୁ କଲର ଯୁଗ ହୋଇସାରିଛି। ମୋବାଇଲ୍ ଫୋନ୍‌ର ସମସ୍ତ ବିଧିବଦ୍ଧ ଉନ୍ନତି ବର୍ତ୍ତମାନ ଚରମସୀମାରେ ପହଞ୍ଚିଛି। ମଣିଷ ସବୁ ଭୁଲିପାରୁଛି କିନ୍ତୁ ନିଜ ସ୍ମାର୍ଟଫୋନ୍‌କୁ ଭୁଲିପାରୁନି। ଆପାତତଃ ନିଜର ସମସ୍ତ ତଥ୍ୟ ସହ ଅନେକ ଯୁଗୋପଯୋଗୀ ଆବଶ୍ୟକତାକୁ ପୂର୍ଣ୍ଣ କରୁଛି ଏଇ ମୋବାଇଲ୍। ସାରା ଦୁନିଆ ଏବେ ହାତପାହାନ୍ତାରେ ହୋଇଗଲାଣି। ଫୋନ୍ କମ୍ପାନୀମାନେ ଆଉ ପାୱାର ପ୍ଲସ ନ ପକାଇ ଏକାଥରକେ ମାଗଣା କଲ୍‌ର ସୁବିଧାକୁ ଉପଭୋଗ କରାଉଛନ୍ତି। ସେଥିପାଇଁ କେହି ଆଉ ମିସ୍‌କଲ୍ କରୁ ନାହାନ୍ତି। ଆଉ ସବୁଠାରୁ ବଡ କଥା ହେଉଛି ଭିଡିଓକଲ୍। ଯାହା ଫଳରେ ସାତସମୁଦ୍ର ତେରନଈ ପାରିରେ ଥିବା ଆତ୍ମୀୟମାନଙ୍କୁ ଦେଖିବାର ଅନୁଭୂତି ସୃଷ୍ଟି ହେଉଛି। ହେଲେ କାହାରି ପାଖରେ ସମୟ ନାହିଁ। ବ୍ୟସ୍ତବହୁଳ ଜୀବନ ଭିତରେ ଅଶାନ୍ତ ମନ ନେଇ ଯେତେ କଥା ହେଲେ ମଧ୍ୟ ସେଇ ଅବୁଝାମଣାର ଶିକାର ହେବାକୁ ପଡୁଛି। ଶେଷରେ ସେଇ ଦୂରତା ହିଁ ଶ୍ରେୟ ବୋଲି ଭାବିବାକୁ ପଡୁଛି। କାରଣ 'ଦୂରବନ୍ଧୁ ପରା ସୁନ୍ଦର'। ଏକଦା ଗୋଟିଏ ହ୍ୱାଟ୍‌ସଅପ୍ ଗ୍ରୁପ୍ ଆନୁଷ୍ଠାନିକ ଭାବେ ଖୋଲାଯାଇ ସେଇ ରାତି ସୁଧା ଝଗଡ଼ା ଲାଗି ବନ୍ଦ ହୋଇଗଲା। ପରିବାରର ସମ୍ପର୍କକୁ ଦୃଢ଼ କରିବା ପାଇଁ ଅନେକ ଜାଗାରେ ଏହି ଗ୍ରୁପ୍ ଖୋଲାଯାଉଛି ମାତ୍ର ବେଶିଦିନ ଆଗ୍ରହର ସହିତ ତିଷ୍ଠି ପାରୁନି। ହୁଏତ ଏ ଗ୍ରୁପ୍‌ର କୌଣସି ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ ଏବଂ ମଝିରେ ମଝିରେ ପରସ୍ପର ଅଯଥା ଆରୋପ, ଉକ୍ତି ଓ ଉପଦେଶ ଦିଆନିଆ ହୋଇ ସମସ୍ତେ ନିଜ ହିସାବରେ ନୀରବ ଦର୍ଶକ ସାଜୁଛନ୍ତି। ଖାଲି ଗୋଟିଏ କଥା ମନକୁ ଆସୁଛି ବିଜ୍ଞାନର ଅଜସ୍ର ଉନ୍ନତିରେ ଯଦି ଆତ୍ମମାନଙ୍କୁ ସ୍ୱର୍ଗ ନର୍କର ଚିତ୍ର ଓ ସେଠାକାର ପରିସ୍ଥିତି ସମ୍ପର୍କରେ ବା ନିଜର ଆତ୍ମୀୟ ସ୍ୱଜନଙ୍କର ଅବର୍ତ୍ତମାନରେ ଭିଡିଓ କଲ୍ କରି ଦେଖା ଯାଇପାରନ୍ତା ତେବେ ହିଁ ହୁଅନ୍ତା ଚମତ୍କାର। କାରଣ ବଞ୍ଚିଥିବା ଅବସ୍ଥାରେ ସମ୍ପର୍କର ମୂଲ୍ୟ ବୁଝିବା ବୋଧହୁଏ ଏତେ ସହଜ ନୁହେଁ। ସେଇଥିପାଇଁ ସମ୍ପର୍କର ସୂତାଖିଅ ଟିକକ ସାମାନ୍ୟ କଥାରେ ମଧ୍ୟ ଛିଣ୍ଡିଯାଏ। ଆଉ ତାକୁ ଯୋଡି ରଖିବା ପାଇଁ ଆବଶ୍ୟକ ଧୈର୍ଯ୍ୟ, ସହନଶୀଳତା, ତ୍ୟାଗକୁ ଆଦରି ଅହଙ୍କାର, ଅସୂୟା ଓ କ୍ରୋଧ ପରି ଦୁର୍ଗୁଣଗୁଡିକର ପାଖ ନ ମାଡିବା ହିଁ ଶ୍ରେୟ। ସ୍ୱଭାବକବି ଗଙ୍ଗାଧରଙ୍କ ଭାଷାରେ 'ବିଶ୍ୱ ଦେଖ ମଧୁମୟ ରେ....' ସେଥିପାଇଁ କୁହାଯାଏ ଏଇଠି ସ୍ୱର୍ଗ ଏଇଠି ନର୍କ। ଏବେ ତ ନିଜକୁ ନିଜେ ପଚାରିବାର ସମୟ ଆସିଯାଇଛି ଯେ ମଣିଷ ଓ ପଶୁ ମଧ୍ୟରେ କ'ଣ କିଛି ପ୍ରଭେଦ ନାହିଁ। କାହିଁକି ନା ଆମେ ନିଜର ସମସ୍ତ ସ୍ୱତନ୍ତ୍ରତା ଓ ମୂଲ୍ୟବୋଧକୁ ହରାଇବାରେ ଟିକେ ବି ହେଳା କରୁନାହେଁ।

ଭାଗ-୧ । ସଂଖ୍ୟା-୧୬ । ଭୁବନେଶ୍ୱର । ୪ ରୁ ୧୦ ମାର୍ଚ୍ଚ ୨୦୨୪
Vol-1 | Issue-16 | Bhubaneswar | 4 to 10 March 2024

# ସୋଲାର ଯୋଜନାକୁ କ୍ୟାବିନେଟ ଅନୁମତି



**ନୂଆଦିଲ୍ଲୀ:** ନବୀକରଣ ଯୋଗ୍ୟ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି । ପିଏମ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା ଉପରେ କେନ୍ଦ୍ର କ୍ୟାବିନେଟର ମୋହର ବାଜିଛି । ଏହି ଯୋଜନା ଅଧୀନରେ ଛାତ ଉପରେ ସୋଲାର ସିଷ୍ଟମ ବ୍ୟବସ୍ଥା ପାଇଁ ୧ କୋଟି ପରିବାରକୁ ୭୮ ହଜାର ଟଙ୍କା ଯାଏ ସହାୟତା ଯୋଗାଇ ଦିଆଯିବ । ଏହାଦ୍ୱାରା ସେମାନେ ମାସିକ ୩୦୦ ୟୁନିଟ ଯାଏ ମାଗଣା ବିଜୁଳି ପାଇପାରିବେ ।

କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, କେନ୍ଦ୍ର କ୍ୟାବିନେଟ ପିଏମ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନାକୁ ଅନୁମୋଦନ ଦେଇଛି । ଏହି ଯୋଜନା ପାଇଁ ୭୫,୦୨୧ କୋଟିର ବ୍ୟୟବରାଦ ହୋଇଛି । ଫେବୃଆରୀ ୧୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଯୋଜନାରକୁ ଲଞ୍ଚ କରିଥିଲେ । ଏହି ଯୋଜନା କେବଳ ପରିବାର ସଦସ୍ୟମାନଙ୍କୁ ସହାୟତା କରି ଘରୋଇ ସୋଲାର ଏନର୍ଜି ଉପକରଣର ଉତ୍ପାଦନକୁ ପ୍ରୋତ୍ସାହିକ କରିବ ନାହିଁ, ବରଂ ଏହା ୧୭ ଲକ୍ଷ ଲୋକଙ୍କୁ ସିଧାସଳଖ ନିଯୁକ୍ତି ଦେବ । ଏହା ଭାରତ ବିକାଶରେ ନୂଆ ମାଇଲଖୁଣ୍ଟ ଭାବେ ପରିଚୟ ହାସଲ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଠାକୁର କହିଛନ୍ତି ।

ଶ୍ରୀ ଠାକୁର ଆହୁରି କହିଛନ୍ତି, ଲୋକଙ୍କୁ ୩୦୦ ୟୁନିଟ ଯାଏ ମାଗଣା ବିଜୁଳି ମଳିବ । ଏହାବାଦ ଲୋକମାନେ ବାର୍ଷିକ ୧୫ ହଜାର ଟଙ୍କାର ଫାଇଦା ପାଇବେ । ୨ କିଲୋୱାଟ ଯାଏ ସୋଲାର ପ୍ଲାଣ୍ଟ ପାଇଁ ସରକାର ୬୦% ସବସିଡି ଦେବେ । ଏହାପରେ ଯଦି ଆଉ ଗୋଟିଏ କିଲୋୱାଟ ବୃଦ୍ଧି କରିବେ, ତା'ହେଲେ ୪୦% ସବସିଡି ମିଳିବ । ପ୍ରତି ପରିବାରକୁ ସୋଲାର ପ୍ଲାଣ୍ଟ ବ୍ୟବସ୍ଥା କରିବା ପାଇଁ ସରକାର ପ୍ରାୟ ୭୮ ହଜାର ଟଙ୍କାର ସବସିଡି ଯୋଗାଇ ଦେବେ ।

ଏହାବାଦ ଗ୍ରୁପ ହାଉସିଂ ସୋସାଇଟି କିମ୍ବା ଆରଡବ୍ଲ୍ୟୁ ପକ୍ଷରୁ ସର୍ବସାଧାଣ ସ୍ଥାନରେ ଲାଇଟ ଲଗାଇବା କିମ୍ବା ରିଚାର୍ଜ ବ୍ୟବସ୍ଥା କରିବା ପାଇଁ ଯଦି ସୋଲାର ପ୍ଲାଣ୍ଟର ବ୍ୟବହାର କରାଯାଏ, ତା'ହେଲେ ପ୍ରତି କିଲୋୱାଟ ପିଛା ସରକାର ୧୮ ହଜାର ଟଙ୍କାର ସବସିଡି ଯୋଗାଇ ଦେବେ ।

## ଗମ୍ଭୀରଙ୍କ ପରେ ରାଜନୀତିରୁ ସନ୍ନ୍ୟାସ ନେଲେ ଜୟନ୍ତ ସିହ୍ନା

**ନୂଆଦିଲ୍ଲୀ:** ରାଜନୀତିରୁ ସନ୍ନ୍ୟାସ ନେଲେ ବିଜେପି ସାଂସଦ ଜୟନ୍ତ ସିହ୍ନା । କ୍ରିକେଟର ଗୌତମ ଗମ୍ଭୀରଙ୍କ ପରେ ଝାଡଖଣ୍ଡର ହଜାରିବାଗରୁ ବିଜେପି ସାଂସଦ ଥିବା ଜୟନ୍ତ ସିହ୍ନା ମଧ୍ୟ ସକ୍ରିୟ ରାଜନୀତିରୁ ବିଦାୟ ନେଇଛନ୍ତି । ବିଜେପି ତା'ର ପ୍ରାର୍ଥୀ ତାଲିକା ଘୋଷଣା କରିବା ପୂର୍ବରୁ ହିଁ ସେ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିଛନ୍ତି । ତାଙ୍କୁ ନିର୍ବାଚନ ଦାୟିତ୍ୱରୁ ମୁକ୍ତ କରିବାକୁ ସେ ଦଳକୁ ଅନୁରୋଧ କରିଛନ୍ତି । ଏ ନେଇ ସେ ଦଳର ମୁଖ୍ୟ ଜେପି ନଡ୍ଡାଙ୍କୁ ସୂଚନା ଦେବା ସହ ମାଇକ୍ରୋ ବ୍ଲଗିଂ ସାଇଟ୍ 'X'ରେ ନିଜ ନିଷ୍ପତ୍ତି ବିଷୟରେ ଏକ ପୋଷ୍ଟ କରି ଜଣାଇଛନ୍ତି ।



ସେ ନିଜ ପୋଷ୍ଟରେ ଲେଖିଛନ୍ତି, 'ମୋତେ ପ୍ରତ୍ୟକ୍ଷ ନିର୍ବାଚନ ଦାୟିତ୍ୱରୁ ମୁକ୍ତ କରିବା ପାଇଁ ମୁଁ ଦଳର ସଭାପତି ଜେ.ପି. ନଡ୍ଡାଙ୍କୁ କହିଛି । ଭାରତ ଏବଂ ବିଶ୍ୱରେ ହେଉଥିବା ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବା ପାଇଁ ମୁଁ ଏଭଳି ନିଷ୍ପତ୍ତି ନେଇଛି । ହେଲେ ମୁଁ ଆର୍ଥିକ ଏବଂ ଶାସନ ସମ୍ବନ୍ଧୀୟ ପ୍ରସଙ୍ଗରେ ଦଳ ସହିତ କାର୍ଯ୍ୟ ଜାରି ରଖିବି । ମୋତେ ଗତ ଦଶ ବର୍ଷ ଧରି ଭାରତ ଏବଂ ହଜାରିବାଗବାସୀଙ୍କ ସେବା କରିବାର ସୌଭାଗ୍ୟ ମିଳିଛି । ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ ଏବଂ ବିଜେପି ନେତୃତ୍ୱ ମୋତେ ଅନେକ ସୁଯୋଗ ଦେଇଥିବାରୁ ମୁଁ ସମସ୍ତଙ୍କୁ ମୋର ହୃଦୟରୁ କୃତଜ୍ଞତା ଜଣାଉଛି ।'

ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ଆଗରୁ ଜୟନ୍ତ ସିହ୍ନା ହେଉଛନ୍ତି ଦ୍ୱିତୀୟ ସାଂସଦ ଯେ କି, ରାଜନୀତିରୁ ସନ୍ନ୍ୟାସ ନେବା କଥା ଘୋଷଣା କରିଛନ୍ତି । ଏହାପୂର୍ବରୁ ଦିଲ୍ଲୀର ଭାରତୀୟ ଜନତା ପାର୍ଟିର ସାଂସଦ ତଥା ପୂର୍ବତନ କ୍ରିକେଟର ଗୌତମ ଗମ୍ଭୀର ରାଜନୀତିରୁ ସନ୍ନ୍ୟାସ ନେବା ନେଇ ଘୋଷଣା କରିଥିଲେ । ତାଙ୍କୁ ରାଜନୈତିକ ଦାୟିତ୍ୱରୁ ମୁକ୍ତ କରାଯାଉ ବୋଲି ସେ ଏକ ଚିଠି ଲେଖି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ନିକଟକୁ ପଠାଇ ଥିଲେ । ଜୟନ୍ତ ସିହ୍ନା ମୋଦି ସରକାରଙ୍କ ପ୍ରଥମ ପାଳିରେ ଅର୍ଥମନ୍ତ୍ରୀ (ରାଜ୍ୟ) ଭାବେ କାର୍ଯ୍ୟ କରିଥିଲେ । ସେ ପୂର୍ବତନ ଅର୍ଥମନ୍ତ୍ରୀ ଯଶୋବନ୍ତ ସିହ୍ନାଙ୍କ ପୁଅ । ୨୦୧୪ ଓ ୨୦୧୯ରେ ହଜାରିବାଗ ଆସନରୁ ନିର୍ବାଚନ ଲଢ଼ି ବିପୁଳ ଭୋଟ୍‌ରେ ବିଜୟ ହାସଲ କରିଥିଲେ ଜୟନ୍ତ ସିହ୍ନା । ତାଙ୍କ ବାପା ଯଶବନ୍ତ ସିହ୍ନା ମଧ୍ୟ ହଜାରିବାଗର ସାଂସଦ ଥିଲେ । ଯଶୱନ୍ତ ସିହ୍ନା ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ମନ୍ତ୍ରୀ ଥିଲେ । ଜୟନ୍ତ ସିହ୍ନା ଶେଷ ଥର ପାଇଁ ପ୍ରଧାନମନ୍ତ୍ରୀ ମୋଦି କ୍ୟାବିନେଟରେ ସାମିଲ ହୋଇଥିଲେ ।

## ହେଟ୍ ସ୍ପିଚ୍ ଦେଇଥିବା ନେତାଙ୍କ ଟିକେଟ୍ କାଟିଲା



**ନୂଆଦିଲ୍ଲୀ:** ଲୋକସଭା ନିର୍ବାଚନକୁ ନେଇ ବିଜେପି ତା'ର ପ୍ରଥମ ପ୍ରାର୍ଥୀ ତାଲିକା ଜାରି କରି ସାରିଛି । ପ୍ରଥମ ପର୍ଯ୍ୟାୟରେ ବିଜେପି ୧୯୫ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି । ତେବେ ଏହି ପ୍ରାର୍ଥୀ ତାଲିକାକୁ ନେଇ ଚର୍ଚ୍ଚା ଜୋର ଧରିଛି । ହେଟ୍ ସ୍ପିଚ୍ ଦେଉଥିବା ନେତାଙ୍କ ଟିକେଟ୍ କାଟିଛି ବିଜେପି । କେବଳ ସେତିକି ନୁହେଁ ଆଗାମୀ ନିର୍ବାଚନ ପାଇଁ ବିଜେପି ୩୪ ସାଂସଦଙ୍କୁ ମଧ୍ୟ ଟିକେଟ୍ ଦେଇ ନାହିଁ । ଏଥିରେ ବିଶେଷ ରୂପେ ସେହି ସାଂସଦମାନେ ସାମିଲ ଅଛନ୍ତି ଯେଉଁମାନେ ନିଜ କାର୍ଯ୍ୟକାଳ ସମୟରେ ହେଟ୍‌ସ୍ପିଚ୍‌କୁ ନେଇ ଚର୍ଚ୍ଚାକୁ ଆସିଥିଲେ । ବିଜେପି ନିଜ ପ୍ରଥମ ତାଲିକାରେ ଯେଉଁ ପ୍ରମୁଖ ସାଂସଦଙ୍କ ଟିକେଟ୍ କାଟିଛି ସେଥିରେ ପ୍ରଜ୍ଞା ଠାକୁର, ରମେଶ ବିଧୁରୀ ଓ ପ୍ରବେଶ ବର୍ମା ମୁଖ୍ୟ ରୂପେ ସାମିଲ ଅଛନ୍ତି । ଏହି ତିନି ନେତା ସଂସଦ ଭିତରେ ଓ ବାହାରେ ନିଜ ବିବାଦୀୟ ଟିପ୍ପଣୀକୁ ନେଇ ଚର୍ଚ୍ଚାରେ ଥିଲେ । ଏମାନଙ୍କୁ ଏବେ ଆଉ ବିଜେପି ଟିକେଟ ଦେଇ ନାହିଁ । ନିର୍ବାଚନ ପୂର୍ବରୁ ଦଳ କୌଣସି ପ୍ରକାରର ବିପଦ ଆଣିବାକୁ ଚାହୁଁନାହିଁ । କିମ୍ବା ବିରୋଧୀ ଦଳକୁ କୌଣସି ପ୍ରସଙ୍ଗ ଦେବାକୁ ଚାହୁଁନାହିଁ ବୋଲି ବିଜେପି ବାର୍ତ୍ତା ଦେଇଛି ।

ଗତ ନିର୍ବାଚନରେ ବିଜେପି ଆଲୋକ ଶର୍ମାଙ୍କ ସ୍ଥାନରେ ପ୍ରଜ୍ଞା ସିଂହ ଠାକୁରଙ୍କୁ ମୈଦାନକୁ ଓହ୍ଲାଇଥିଲା । ୨୦୦୮ ମାଲେଗାଓଁ ବିସ୍ଫୋରଣରେ ପ୍ରଜ୍ଞା ସିଂହ ଠାକୁରଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ରହିଛି । ଯେତେବେଳେ ଦଳ ତାଙ୍କୁ ପ୍ରାର୍ଥୀ କରିଥିଲା, ସେତେବେଳେ ଏହାକୁ ନେଇ ଅନେକ ବିବାଦ ଦେଖାଦେଇଥିଲା । ସେହିପରି ବିଜେପିର ଏହି ପ୍ରାର୍ଥୀ ତାଲିକାରୁ ଆଉ ଏକ ନାଁ ମଧ୍ୟ ଗାଏବ୍ ଅଛି, ଯାହାକୁ ନେଇ ସମସ୍ତେ ଚକିତ ଅଛନ୍ତି । ଦୁଇ ଥରର ସାଂସଦ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗୀୟ ସାହିବ ସିଂହ ବର୍ମାଙ୍କ ପୁଅ ପରବେଶ ବର୍ମାଙ୍କୁ ମଧ୍ୟ ଦଳ ଟିକେଟ୍ ଦେଇ ନାହିଁ ।

### ଶାହଜାହାଁଙ୍କ ଓକିଲଙ୍କୁ କୋର୍ଟଙ୍କ କଟାକ୍ଷ

# ୪୩ ମାମଲା ରହିଛି, ୧୦ ବର୍ଷ ଯାଏ ଆପଣ ବ୍ୟସ୍ତ ରହିବେ

**ନୂଆଦିଲ୍ଲୀ:** ସନ୍ଦେଶଖାଲିର ଦବଙ୍ଗ ନେତା ଶେଖ ଶାହଜାହାଁଙ୍କ ପାଇଁ ଯୁକ୍ତି ରଖୁଥିବା ଜଣେ ଓକିଲଙ୍କୁ କଲିକତା ହାଇକୋର୍ଟ କଟାକ୍ଷ କରିଛନ୍ତି । ଓକିଲ ଜଣଙ୍କ ଶାହଜାହାଁଙ୍କ ପାଇଁ ଜାମିନ ଆବେଦନ କରିବାକୁ ଚାହୁଁଥିବା ବେଳେ ମୁଖ୍ୟ ବିଚାରପତି ଜଷ୍ଟିସ ଟିଏସ୍ ସିବାଗନାନମ ଏହାକୁ ଅଗ୍ରାହ୍ୟ କରି ଦେଇଛନ୍ତି । ଶାହଜାହାଁଙ୍କ ପାଇଁ କୌଣସି ପ୍ରକାରର ସମବେଦନା ନଥିବା ମଧ୍ୟ ମୁଖ୍ୟ ବିଚାରପତି କହିଛନ୍ତି ।

ଘଟଣା ବିଳମ୍ବିତ ରାତିରେ ବେଙ୍ଗଲ ପୁଲିସ୍ ଶାହଜାହାଁଙ୍କୁ ଗିରଫ କରିଥିଲା । ଇଡି ଅଧିକାରୀଙ୍କୁ ଆକ୍ରମଣ କରିବା ଘଟଣାରେ ପୁଲିସ ତାଙ୍କୁ ଗିରଫ କରିଛି । ତେବେ ସେ ସନ୍ଦେଶଖାଲିରେ ମହିଳାଙ୍କୁ ଯୌନ ନିର୍ଯାତନା ଦିଆଯିବା ଘଟଣାର ମଧ୍ୟ ମୁଖ୍ୟ ଅଭିଯୁକ୍ତ ।


ଗିରଫର ଦିନକ ପରେ ଅର୍ଥାତ ଆଜି ସକାଳେ ଶାହଜାହାଁଙ୍କ ଓକିଲ ଜାମିନ ପାଇଁ ଆବେଦନ କରିଥିଲେ । ଏହାକୁ ମୁଖ୍ୟ ବିଚାରପତି ଗ୍ରହଣ କରି ନଥିଲେ ଓ ଆବେଦନ ଧରି ସୋମବାର ଆସିବାକୁ କହିଛନ୍ତି । ଆବେଦନ ଉପରେ



କୋର୍ଟ ଶୁଣାଣି କରିପାରନ୍ତି ।

ଓକିଲ ଜଣଙ୍କ କହିଥିଲେ ଯେ "ଅନେକ କଥା ମୋ କ୍ଲାଏଣ୍ଟ ବିରୋଧରେ କୁହାଯାଇଛି ।" ମୁଖ୍ୟ ବିଚାରପତି ଏହାର ଜବାବରେ କହିଥିଲେ, "ଚମତ୍କାର । ଆମେ ଆପଣଙ୍କୁ ଅପେକ୍ଷା କରିଥିଲୁ । ଓକିଲ ମହାଶୟ ସେହି ବ୍ୟକ୍ତି(ଶାହଜାହାଁ)ଙ୍କ ବିରୋଧରେ ୪୩ଟି ମାମଲା ରହିଛି । ଆମେ ଆପଣଙ୍କୁ କହି ରଖୁଛୁ ଯେ ଉକ୍ତ ବ୍ୟକ୍ତି ଜଣଙ୍କ ଆପଣଙ୍କୁ ୧୦ ବର୍ଷ ଯାଏ ବ୍ୟସ୍ତ ରଖିବେ । ଏହି ସବୁ ମାମଲାକୁ ହ୍ୟାଣ୍ଡେଲ କରିବା ପାଇଁ ଆପଣଙ୍କୁ ଅତିକମରେ ୧୦ ବର୍ଷ ସମୟ ଲାଗିବ ।" ଶାହଜାହାଁଙ୍କ ଓକିଲ କହିଥିଲେ ଯେ "ଅନ୍ତରୀଣ ଜାମିନ ଆବେଦନ ଖାରଜ ହୋଇଛି । ମୋ କ୍ଲାଏଣ୍ଟଙ୍କୁ ଘଟଣା ରାତିରେ ଗିରଫ କରାଯାଇଛି । ମାମଲାକୁ ମୁଁ ନିୟମିତ ବେଞ୍ଚଙ୍କ ନିକଟରେ ଦାଖଲ କରିପାରିବି ନାହିଁ ।" ବେଞ୍ଚ କହିଥିଲେ, । ଉକ୍ତ ବ୍ୟକ୍ତିଙ୍କ ପାଇଁ ଆମର କୌଣସି ସମବେଦନା ନାହିଁ । ଦୟାକରି ଆଗ ତାରିଖ ଆସନ୍ତୁ । ଏବେ କିଛି କରାଯାଇ ପାରିବ ନାହିଁ । ଗିରଫ ପରେ ଶାହଜାହାଁଙ୍କୁ ବେଙ୍ଗଲର ଗୋଟିଏ କୋର୍ଟରେ ହାଜର କରାଯାଇଥିଲା । ଏହାପରେ କୋର୍ଟ ତାଙ୍କୁ ୧୦ ଦିନ ପାଇଁ ପୁଲିସ୍ ରିମାଣ୍ଡରେ ପଠାଇ ଦେଇଛନ୍ତି ।

# କ୍ୟାନସରକୁ ରୋକିବ ୧୦୦ ଟଙ୍କିଆ ବଟିକା !



**ନୂଆଦିଲ୍ଲୀ:** କ୍ୟାନସର ବା କର୍କଟ ରୋଗ କଥା ଶୁଣିବା ମାତ୍ରେ ସମସ୍ତଙ୍କ ଛାତିରେ ଛନକା ପଶେ । ଯେଉଁମାନେ କର୍କଟକୁ ମାତ ଦେଇ ସୁସ୍ଥ ହୁଅନ୍ତି, ସେମାନଙ୍କୁ ପୁଣିଥରେ ଏହି ରୋଗ ଭବିଷ୍ୟତରେ ଗ୍ରାସ କରିବାର ଆଶଙ୍କା ଥାଏ । ତେଣୁ କ୍ୟାନସର କେବେ ସଂପୂର୍ଣ୍ଣ ଭାବେ ଭଲ ହୁଏ ନାହିଁ ବୋଲି ସମସ୍ତେ ଜାଣିଛନ୍ତି ।

ହେଲେ କ୍ୟାନସରକୁ ମାତ ଦେବା ପାଇଁ ଆସିଯାଇଛି ଔଷଧ । ମାତ୍ର ୧୦୦ ଟଙ୍କାରେ କ୍ୟାନସରର ହେବ ସର୍ବନାଶ । ମୁମ୍ବାଇରେ ଥିବା ଟାଟା ଇନଷ୍ଟିଚ୍ୟୁଟର ଡାକ୍ତର ଓ ଗବେଷକମାନେ ଏମିତି ଏକ ଚିକିତ୍ସା ବ୍ୟବସ୍ଥା ବାହାର କରିଛନ୍ତି, ଯାହା କ୍ୟାନସରକୁ ପ୍ରତିରୋଧ କରିବ ।

ଯଦି କେହି କ୍ୟାନସରରୁ ଭଲ ହୋଇଛନ୍ତି, ତା'ହେଲେ ଟାଟା ଇନଷ୍ଟିଚ୍ୟୁଟ ବାହାର କରିଥିବା ବଟିକା ଖାଇଲେ ପୁଣି କ୍ୟାନସର ହେବା ଆଶଙ୍କା ରହିବ ନାହିଁ ବୋଲି ହସ୍ପିଟାଲର ଡାକ୍ତରମାନେ ଦାବି କରିଛନ୍ତି ।

ଇନିଷ୍ଟିଚ୍ୟୁଟ ଦାବି କରିଛି ଯେ ବ୍ୟାପକ ଗବେଷଣା ଓ ଦୀର୍ଘ ଗୋଟିଏ ଦଶନ୍ଧିର ପରୀକ୍ଷା ପରେ କ୍ୟାନସରକୁ ରୋକିବା ପାଇଁ ନୂଆ ଧରଣର ବଟିକା ବାହାର କରାଯାଇଛି । ଏହା କେବଳ କ୍ୟାନସର ଜୀବାଣୁକୁ ପୁଣି ଶରୀରରେ ସକ୍ରିୟ ହେବାକୁ ଦେବ ନାହିଁ । ରାଡିଏସନ ଓ କେମୋଥେରାପି ଭଳି ଚିକିତ୍ସା ଯୋଗୁ ଦେଖାଯାଉଥିବା ପାର୍ଶ୍ୱ ପ୍ରତିକ୍ରିୟାକୁ ୫୦% ହ୍ରାସ କରିବ । ବଟିକାର ଟ୍ରାଏଲ ବେଶ ସଫଳ ହୋଇଛି । ଏହା କ୍ୟାନସରକୁ ପୁଣି ସକ୍ରିୟ ହେବାକୁ ଦେଉନାହିଁ ।

ଟାଟା ମେମୋରିଆଲ ହସ୍ପିଟାଲର ବରିଷ୍ଠ କ୍ୟାନସର ସର୍ଜନ ଡାକ୍ତର ରଜେନ୍ଦ୍ର ବାଡଭେ ମଧ୍ୟ ରିସର୍ଚ୍ଚ ଗ୍ରୁପର ଅଂଶବିଶେଷ ଥିଲେ । ଏହି ଆବିଷ୍କାର ପଛରେ ଥିବା ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ସେ ସୂଚନା ଦେଇଛନ୍ତି ।

ସେ କହିଛନ୍ତି, ମଣିଷର କ୍ୟାନସର ସେଲକୁ ରିସର୍ଚ୍ଚ ପାଇଁ ମୂଷାମାନଙ୍କ ଦେହରେ ଛଡ଼ା ଯାଇଥିଲା । ଏହା ସେମାନଙ୍କ ଶରୀରରେ ଟିମ୍ୟୁର ସୃଷ୍ଟି କରିଥିଲା । ମୂଷାମାନଙ୍କୁ ଏହାପରେ ରାଡିଏସନ ଥେରାପୀ ଦ୍ୱାରା ଚିକିତ୍ସା କରାଯାଇଥିଲା । କେମୋଥେରାପି ଦିଆଯାଇ ସେମାନଙ୍କର ଅପରେସନ ମଧ୍ୟ ହୋଇଥିଲା ।

ଏହି ସମୟରେ ଜଣାପଡ଼ିଥିଲା ଯେ ଯେତେବେଳେ କ୍ୟାନସର ସେଲ ନିଷ୍କ୍ରିୟ ହୋଇଥାଏ, ସେତେବେଳେ ସେଗୁଡ଼ିକ ଛୋଟ ଛୋଟ ଖଣ୍ଡରେ ପରିଣତ ହୋଇଯାଆନ୍ତି । ଏହାକୁ କ୍ରୋମାଟିନ କଣିକା କୁହାଯାଏ ।

ଏହି କଣିକାଗୁଡ଼ିକ ଶରୀରର ବିଭିନ୍ନ ଅଂଶକୁ ରକ୍ତ ସେଲ ମାଧ୍ୟମରେ ଯିବାର କ୍ଷମତା ରଖିଥାଆନ୍ତି । ସେଗୁଡ଼ିକ ଯେତେବେଳେ ସୁସ୍ଥ ସେଲରେ ପ୍ରବେଶ କରନ୍ତି ସେତେବେଳେ କ୍ୟାନସର ଜୀବାଣୁ ପୁଣି ସକ୍ରିୟ କରାଇ ଥାଆନ୍ତି ।

ଏହି ସମସ୍ୟାକୁ ସମାଧାନ କରିବା ପାଇଁ ଗବେଷଣା ବେଳେ ମୂଷାମାନଙ୍କ କ୍ଷେତ୍ରରେ ପ୍ରୋ ଅକ୍ସିଡାଣ୍ଟ ଟାବଲେଟ୍ସ ବ୍ୟବହାର କରାଯାଇଥିଲା । ଏଥିରେ Resveratrol and Copper (R+Cu) ରହିଛି । R+Cu tablets ଅମ୍ଳଜାନ ରାଡିକାଲ୍ସ ସୃଷ୍ଟି କରିଥାଏ । ଫଳରେ ବେଶ ପ୍ରଭାବୀ ଭାବେ କ୍ରୋମାଟିଇନ କଣିକାଗୁଡ଼ିକୁ ଧ୍ୱଂସ କରି ଦେଇଥାଏ ବୋଲି ସେ କହିଛନ୍ତି ।

ଯେତେବେଳେ ଉକ୍ତ ବଟିକାକୁ ପାଟି ବାଟେ ନିଆଯାଏ ସେତେବେଳେ ଅମ୍ଳଜାନ ରାଡିକାଲ୍ସ ପେଟ ଭିତରେ ସୃଷ୍ଟି ହୋଇଥାଏ । ଏହା ତୁରନ୍ତ ରକ୍ତ କଣିକାରେ ପ୍ରବେଶ କରେ । ଏହି ପ୍ରକ୍ରିୟା ବିଭିନ୍ନ ସେଲରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା କ୍ରୋମାଟିନ କଣିକାକୁ ଅଟକାଇ ଥାଏ । କ୍ୟାନସର ସେଲର ବିଚରଣକୁ ଏହା ରୋକିବାରେ ସହାୟକ ହୋଇଥାଏ । ଏହି ପ୍ରକ୍ରିୟାକୁ ମେଟାଷ୍ଟାସେସ (metastases) କୁହାଯାଏ ।

ଗବେଷକମାନେ ଦାବି କରିଛନ୍ତି ଯେ R+Cu ବଟିକା କେମୋଥେରାପି ସହ ଜଡ଼ିତ ଟକ୍ସିସିଟୀର ପ୍ରଭାବକୁ ହ୍ରାସ କରେ । ନୂଆ ଆବିଷ୍କାରକୁ "Magic of R+Cu' ଭାବେ ନାମିତ କରାଯାଇଛି । ଏହା କ୍ୟାନସର ଚିକିତ୍ସାର ପାର୍ଶ୍ୱ ପ୍ରତିକ୍ରିୟାକୁ ୫୦% ଓ ପୁଣି କ୍ୟାନସର ଜୀବାଣୁକୁ ସକ୍ରିୟ ହେବାର ଆଶଙ୍କାକୁ ୩୦% କମ କରିଥାଏ । ପାନକ୍ରିୟସ, ଫୁସଫୁସ ଓ ପାଟିର ବିଭିନ୍ନ ଅଙ୍ଗରେ କ୍ୟାନସର ଜୀବାଣୁ ପ୍ରବେଶ ବିରୋଧରେ ଏହି ବଟିକା ଅଧିକ ପ୍ରଭାବୀ ହେବ । ଟାଟା ଇନଷ୍ଟିଚ୍ୟୁଟ କ୍ୟାନସରକୁ ରୋକିବା ପାଇଁ ବଟିକା ବାହାର କରିଥିବା ଦାବି କରିଛି । କିନ୍ତୁ ଏହାକୁ ଏଯାଏ ଏଫଏସଏସଏଆଇର ଅନୁମୋଦନ ମିଳିନାହିଁ । ଅନୁମତି ମିଳିବା ମାତ୍ରେ ଏହା ଜୁନ କିମ୍ବା ଜୁଲାଇ ମାସରୁ ବଜାରରେ ଉପଲବ୍ଧ ହେବ ।

ଡାକ୍ତର ରାଜେନ୍ଦ୍ର କହିଛନ୍ତି, ଯଦି ଅନୁମୋଦନ ମିଳିବ, ତା'ହେଲେ ବହୁତ କମ ଦାମରେ ଏହା ଲୋକଙ୍କ ପାଇଁ ଉବଲବ୍ଧ ହୋଇପାରିବ । ବଟିକା ବାହାର କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । କିନ୍ତୁ ବଜାରରେ ଏହା ୧୦୦ ଟଙ୍କାରୁ କମ ଦାମରେ ମିଳିପାରିବ । ବଟିକାର ପାର୍ଶ୍ୱ ପ୍ରତିକ୍ରିୟା ଜାଣିବା ପାଇଁ ମୂଷା ଓ ମଣିଷ ଦେହରରେ ପରୀକ୍ଷା କରାଯାଇଛି । କିନ୍ତୁ ପ୍ରତିଷେଧକ ପରୀକ୍ଷା କେବଳ ମୂଷାଙ୍କ ଉପରେ ହୋଇଛି । ଗବେଷଣା ବେଳେ ସମୟ ଓ ଅର୍ଥର ବେକାର ଖର୍ଚ୍ଚ ହେଉଛି ବୋଲି କିଛି ଲୋକ କହୁଥିଲେ । କିନ୍ତୁ ଏହାକୁ ବଡ଼ ସଫଳତା ମିଳିଥିବା ଡାକ୍ତର ରାଜେନ୍ଦ୍ର କହିଛନ୍ତି ।

## ସୁନୀଲ ଭାରତୀ ମିତ୍ତଲ ପାଇବେ ନାଇଟ୍‌ହୁଡ ସମ୍ମାନ

**ନୂଆଦିଲ୍ଲୀ:** ସୁନୀଲ ଭାରତୀ ମିତ୍ତଲ କମ୍ପାନୀର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସୁନୀଲ ଭାରତୀ ମିତ୍ତଲଙ୍କୁ ନାଇଟ୍‌ହୁଡ୍ ସମ୍ମାନ ମିଳିବ । ସେ ପ୍ରଥମ ଭାରତୀୟ ଭାବେ ଏପରି ସମ୍ମାନ ପାଇବାକୁ ଯାଉଛନ୍ତି । ବ୍ରିଟିଶ ସରକାରଙ୍କ ସର୍ବଶ୍ରେଷ୍ଠ ସମ୍ମାନ ହେଉଛି ନାଇଟ କମାଣ୍ଡ । ଏବେ ଶ୍ରୀ ମିତ୍ତଲ ଏଥିରେ ସମ୍ମାନୀତ ହେବାକୁ ଯାଉଛନ୍ତି । ତାଙ୍କୁ କିଙ୍ଗ ଚାର୍ଲସ ତୃତୀୟ ସମ୍ମାନୀତ କରିବେ । ଭାରତ-ବ୍ରିଟେନ ବ୍ୟବସାୟକୁ ସେ ଅଧିକ ମଜବୁତ କରିଥିବାରୁ ତାଙ୍କୁ ଏପରି ସମ୍ମାନ ମିଳିବ । ନାଇଡହୁଡ୍ ସମ୍ମାନ ମିଳିବାକୁ ଯାଉଥିବା ଖବର ପାଇବା ପରେ ମିତ୍ତଲ କହିଛନ୍ତି, ରାଜ ଚାର୍ଲସଙ୍କ ଏପରି ସମ୍ମାନ ପାଇଁ ମୁଁ ଗଭୀର ଭାବେ କୃତଜ୍ଞତା ଜଣାଉଛି । ଭାରତ-ବ୍ରିଟେନ ମଧ୍ୟରେ ଐତିହାସିକ ସମ୍ପର୍କ ରହିଛି । ଏବେ ଏହା ଗୋଟିଏ ନୂଆ ଯୁଗରେ ପ୍ରବେଶ କରିଛି । ଦୁଇ ମହାନ ଦେଶ ମଧ୍ୟରେ ଜାରି ରହିଥିବା ଅର୍ଥନୀତିକ ଓ ଦ୍ୱିପାକ୍ଷିକ ବ୍ୟବସାୟୀକ ସମ୍ପର୍କକୁ ଅଧିକ ମଜବୁତ କରିବା ପାଇଁ ମୁଁ ସବୁବେଳେ ପ୍ରତିଶ୍ରୁତିବଦ୍ଧ । ବ୍ୟବସାୟ ପାଇଁ ସବୁ ପ୍ରକାରର ସମର୍ଥନ କରିଥିବାରୁ ସେ ବ୍ରିଟେନ ସରକାରଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି । ନାଇଟ ହେଉଛି ବ୍ରିଟିଶ ସରକାରଙ୍କ ସର୍ବୋଚ୍ଚ ସମ୍ମାନ । ଏହା ବ୍ରିଟିଶ ସରକାରଙ୍କ ପକ୍ଷରୁ ନିଜ ଦେଶର ଶ୍ରେଷ୍ଠ ଲୋକଙ୍କୁ ଦିଆଯାଏ ।

## ଗଗନଯାନ ମିଶନ: ଘୋଷଣା ହେଲା ମହାକାଶ ଯିବାକୁ ଥିବା ୪ ବୀରଙ୍କ ନାମ

**ନୂଆଦିଲ୍ଲୀ:** ଆଉ ଏକ ଇତିହାସ ରଚିବାକୁ ଯାଉଛି ଇସ୍ରୋ । ପ୍ରଥମ ଥର ପାଇଁ ଭାରତ ନିଜ ରକେଟରେ ନିଜ ବୀରଙ୍କୁ ମହାକାଶ ପଠାଇବ । ବାୟୁସେନାର ଚାରି ଜଣ ଅଧିକାରୀ ପ୍ରଥମ କରି ମହାକାଶ ଯାତ୍ରା କରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କ ନାମ ଘୋଷଣା କରିଛନ୍ତି । ଏହି ଚାରି ଅଧିକାରୀ ଗଗନଯାନ ମାଧ୍ୟମରେ ମହାକାଶ ଯାତ୍ରା କରିବେ । ସେମାନେ ହେଉଛନ୍ତି- ଗ୍ରୁପ୍ କ୍ୟାପଟେନ୍ ପ୍ରଶାନ୍ତ ବାଲକୃଷ୍ଣ, ଗ୍ରୁପ୍ କ୍ୟାପଟେନ୍ ଅଜିତ କୃଷ୍ଣ, ଗ୍ରୁପ୍ କ୍ୟାପଟେନ୍ ଅଙ୍ଗଦ ପ୍ରତାପ, ୱିଙ୍ଗ୍ କମାଣ୍ଡର ଶୁଭାଂଶୁ ଶୁକ୍ଲା । ଏହି ଚାରିଜଣ ମହାକାଶଚାରୀ ଋଷରେ ବ୍ୟାପକ



ପ୍ରଶିକ୍ଷଣ ନେଇଛନ୍ତି । ବର୍ତ୍ତମାନ ଇସ୍ରୋ ସେମାନଙ୍କୁ ତାଲିମ ଦେଉଛି । ଗଗନଯାନ ମାଧ୍ୟମରେ ପ୍ରଥମେ ଏକ ରୋବଟ୍ ବ୍ୟୋମମିତ୍ର ମହାକାଶକୁ ପଠାଯିବ । ଏହା ସଫଳ ହେବା ପରେ ୨୦୨୫ ଏହି ଚାରି ଜଣ ବାୟୁସେନା ଅଧିକାରୀ ମହାକାଶକୁ ଯାତ୍ରା କରିବେ । ଯଦି ସମସ୍ତ ପ୍ରକ୍ରିୟା ସଫଳ ହୁଏ, ତେବେ ଆମେରିକା, ଋଷ ଓ ଚୀନ ପରେ ଭାରତ ନିଜ ରକେଟରେ ନିଜ ବୀରଙ୍କୁ ମହାକାଶ ପଠାଇବାରେ ବିଶ୍ୱର ଚତୁର୍ଥ ରାଷ୍ଟ୍ର ହେବ ।

# 'ଚନ୍ଦ୍ର ଭଳି ଆରମ୍ଭ ହେବ ମିଶନ ଶୁକ୍ର, ୨୦୩୦ ସୁଦ୍ଧା ସ୍ପେଶ୍ ଷ୍ଟେସନ ସ୍ଥାପନ'

**ନୂଆଦିଲ୍ଲୀ:** ଇସ୍ରୋର ଗଗନଯାନ ମିଶନ ମାଧ୍ୟମରେ ମହାକାଶକୁ ଯିବାକୁ ଥିବା ୪ ଜଣ ମହାକାଶଚାରୀଙ୍କ ନାଁ ଘୋଷଣା କରାଯାଇଛି । ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଚାରି ବୀରଙ୍କ ନାମ ଘୋଷଣା କରିଛନ୍ତି । ପ୍ରଥମ କରି ଭାରତୀୟ ବାୟୁସେନାର ଚାରି ଜଣ ଅଧିକାରୀ ମହାକାଶ ଯାତ୍ରା କରିବେ । ସେମାନେ ହେଉଛନ୍ତି ଗ୍ରୁପ୍ କ୍ୟାପଟେନ୍ ପ୍ରଶାନ୍ତ ବାଲକୃଷ୍ଣ, ଗ୍ରୁପ୍ କ୍ୟାପଟେନ୍ ଅଜିତ କୃଷ୍ଣ, ଗ୍ରୁପ୍ କ୍ୟାପଟେନ୍ ଅଙ୍ଗଦ ପ୍ରତାପ ଓ ୱିଙ୍ଗ୍ କମାଣ୍ଡର ଶୁଭାଂଶୁ ଶୁକ୍ଲା ।

ବାୟୁସେନାର ଏହି ସାହସୀ ଯୋଦ୍ଧାଙ୍କ ନାମ



ଘୋଷଣା କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ୪ ଜଣ କେବଳ ବ୍ୟକ୍ତି ନୁହନ୍ତି, ୧୪୦ କୋଟି ଜନତାଙ୍କ ଶକ୍ତି । ଦେଶର ନାଁକୁ ମହାକାଶକୁ ନେଇଯିବାର ଶକ୍ତି ହେଉଛନ୍ତି ଏହି ୪ ଜଣ । ଏମାନେ ବର୍ତ୍ତମାନର ଭାରତର ବିଶ୍ୱାସ ଓ ଶୌର୍ଯ୍ୟ ।ମହାକାଶଚାରୀଙ୍କ ପରିବାର ବର୍ଗଙ୍କୁ ସହଯୋଗ କରିବା ପାଇଁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ପ୍ରଥମ ଥର ପାଇଁ ଭାରତ ନିଜ ରକେଟରେ ନିଜ ବୀରଙ୍କୁ ମହାକାଶ ପଠାଇବ । ଆଉ କିଛି ଦିନ ମଧ୍ୟରେ ଆମେ ପୁଣି ଥରେ ଚନ୍ଦ୍ରକୁ ଯାଉଛନ୍ତି । ଚନ୍ଦ୍ରରୁ ସାମ୍ପଲ ସଂଗ୍ରହ କରି ତାକୁ ପୃଥିବୀ ପୃଷ୍ଠକୁ ଆଣିବୁ ।

ମିଶନ ଶୁକ୍ର ନେଇ ସୂଚନା ଦେଇଛନ୍ତି ପ୍ରଧାନମନ୍ତ୍ରୀ । ସେ କହିଛନ୍ତି ଯେ, ଆଉ କିଛି ଦିନ ମଧ୍ୟରେ ଚନ୍ଦ୍ର ଭଳି ମିଶନ ଶୁକ୍ର ମଧ୍ୟ ଆରମ୍ଭ ହେବ । ଏଥିସହ ୨୦୩୦ ସୁଦ୍ଧା ଭାରତର ନିଜର ସ୍ପେଶ୍ ଷ୍ଟେସନ ସ୍ଥାପନ ହୋଇସାରିଥିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ମହିଳା ବୈଜ୍ଞାନିକମାନଙ୍କୁ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ମହିଳାଙ୍କ ବିନା ଏଭଳି କୌଣସି ମିଶନର କଳ୍ପନା କରି ହେବନି ।

ଭାଗ-୧ । ସଂଖ୍ୟା-୧୬ । ଭୁବନେଶ୍ୱର । ୪ ରୁ ୧୦ ମାର୍ଚ୍ଚ ୨୦୨୪
Vol-1 | Issue-16 | Bhubaneswar | 4 to 10 March 2024

ରଣପୁରର ଉଦୀୟମାନ ଯୁବନେତା



ଯେଉଁ ବୟସରେ ଯୁବପିଢି ମଉଜ ମଜଲିସ୍‌ରେ ନିଜକୁ ବୁଡ଼ାଇ ରଖୁଛନ୍ତି, ସେହି ବୟସରେ ରଣପୁର ବ୍ଲକ୍ ମଝିଆଖଣ୍ଡ ଗ୍ରାମ ପଞ୍ଚାୟତ ଜରିପାଟଣା ଗ୍ରାମର ଆକାଶ କୁମାର ପାଣିଙ୍କ ମନ ସର୍ବଦା ସମାଜ କଲ୍ୟାଣ କାମରେ ନିଜକୁ ନିୟୋଜିତ କରି ରଖିବାକୁ। ତାଙ୍କ ମତରେ, ଲୋକଙ୍କ ସମସ୍ୟାକୁ ସମାଧାନ କରିବା, କାହାକୁ ସାହାଯ୍ୟ କରିବା ପାଇଁ କୌଣସି ପ୍ରାଶାସନିକ କ୍ଷମତା କି ରାଜନୈତିକ ପଦପଦବୀ ର ଆବଶ୍ୟକତା ନାହିଁ। କେବଳ ସେବା କରିବାର ମନୋବୃତ୍ତି ଥିଲେ ଭଗବାନ ରାସ୍ତା ବତାଇ ଦେବେ।

# ସେବା, ମମତା ଓ ହୃଦୟବତ୍ତାର ଅନ୍ୟନାମ 'ଆକାଶ'

ରଣପୁର(ଭିଓଭି): ଖୁବ୍ କମ୍ ଲୋକଙ୍କ ଭିତରେ ଏଭଳି ମାନସିକତା ଦେଖିବାକୁ ମିଳିଥାଏ। ବୃତ୍ତି ଓ ପ୍ରବୃତ୍ତି ବିଷୟରେ ଏକଦମ ସ୍ୱଷ୍ଟ ମତ ରଖୁଥିବା ଆକାଶ କୁହନ୍ତି ମୋର ଦୁଇ ପ୍ରକାରର ବୃତ୍ତି। ଚାକିରି ଓ ରାଜନୈତିକ ସେବା। କିନ୍ତୁ ପ୍ରବୃତ୍ତି ହେଉଛି ସମାଜ ସେବା। ନିଜର ବୃତ୍ତି ଓ ପ୍ରବୃତ୍ତି କୁ ନେଇ ଖୁସିରେ ରହୁଥିବା ଜଣେ ନିଆରା ବ୍ୟକ୍ତିତ୍ୱ ଭାବରେ ରଣପୁର ଅଞ୍ଚଳରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚିତି ରହିଛି।

ଗୃହ ପାଳିତ ପଶୁପକ୍ଷୀ ଙ୍କ ପାଇଁ ସେ ଜଣେ ସମ୍ପୂର୍ଣ୍ଣ ସମର୍ପିତ ମଣିଷ।ଡାକ୍ତରଖାନା ରେ ଚିକିତ୍ସା ସେବା ଓ ସହଯୋଗ ପାଇବା ନିମନ୍ତେ ଯିଏ, ଯେଉଁଠି, ଯେତେବେଳେ ଡାକିଲା ସେ କୌଣସି ପ୍ରକାର କୁଣ୍ଠାବୋଧ ନକରି ଦେବଦୂତ ଭଳି ପହଞ୍ଚି ଯାଆନ୍ତି। ନିଜର ନାମ ଆକାଶ ଭଳି ନିଜ ଖୋଲା ହୃଦୟକୁ ସମାଜ ସେବା ପାଇଁ ସମ୍ପୂର୍ଣ୍ଣ ଉତ୍ସର୍ଗ କରି ନାମକରଣ କୁ ଯଥାର୍ଥ କରି ପାରିଛନ୍ତି ଆକାଶ ପାଣି। ଚାକିରି ବୃତ୍ତି ରୁ ଟିକିଏ ଛୁଟି ମିଳିଲା ମାନେ ସେ ଆସିଯାନ୍ତି ନିଜ ଅଞ୍ଚଳବାସୀଙ୍କ ଦୁଃଖ ସୁଖରେ ନିଜକୁ ସାମିଲ କରି ସହଯୋଗର ହାତ ବଢେଇବା ପାଇଁ।

କରୋନା ମହାମାରୀ ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଅନେକ ଗରିବ ଲୋକଙ୍କୁ ସେ ଚିକିତ୍ସା ରେ ସହାୟତା କରିଛନ୍ତି । ଆବଶ୍ୟକ ପଡ଼ିଲେ ଅନେକ ଲୋକଙ୍କ ପାଇଁ ସେ ନିଜେ ରକ୍ତଦାନ କରିବା ସଙ୍ଗେସଙ୍ଗେ ରକ୍ତଦାନ କାର୍ଯ୍ୟକ୍ରମକୁ ସହଯୋଗ ସହିତ ସହାୟତାର ହାତ ବଢାଇଥାନ୍ତି। ଗାଆଁ ଗହଳି ଯେଉଁଠି ପ୍ରଶାସନ ଅପହଞ୍ଚ ସେଠାରେ ପହଞ୍ଚି ଯାଇ ରାସ୍ତା ନିର୍ମାଣ ଠାରୁ ଆରମ୍ଭ କରି ବିଦ୍ୟୁତ ବିତରଣ ରେ ନିଜେ ସହଯୋଗ କରିଥାନ୍ତି। କୃଷି ଓ କୃଷକର ସାଥୀ ଆକାଶ ସର୍ବଦା ନିଜ ରଣପୁର ନିର୍ବାଚନ ମଣ୍ଡଳୀର କୃଷକ ମାନଙ୍କୁ କେମିତି ଉନ୍ନତ ମାନର କୃଷି ପରାମର୍ଶ ସାଙ୍ଗକୁ ସରକାରୀ ସହଯୋଗ ମିଳିପାରିବ ସେଥିପାଇଁ ଚେଷ୍ଟା କରିଥାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ନିଜ ରୋଜଗାର ରୁ ସେ କେଉଁଠି ଗରିବ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ିବାରେ ସହଯୋଗ ସହିତ ଶିକ୍ଷା ଉପକରଣ ବାଣ୍ଟିଥାନ୍ତି ତ କେଉଁଠି ଶୀତରୁ ରକ୍ଷା ପାଇବା ନିମନ୍ତେ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥାନ୍ତି। କେତେବେଳେ ଦେବଦୂତ ଭଳି ଡାକ୍ତର ଖାନାରେ ପହଞ୍ଚି ରୋଗୀଙ୍କୁ ଫଳ, ଔଷଧ ଓ ଖାଦ୍ୟ ବଣ୍ଟନ କରିଥାନ୍ତି ତ କେତେବେଳେ ଅନ୍ଧାର ରାସ୍ତା କୁ ନିଜ ଖର୍ଚ୍ଚରେ ଆଲୋକିକରଣ ବ୍ୟବସ୍ଥା କରି ଲୋକଙ୍କୁ ସାହାଯ୍ୟ କରିଥାନ୍ତି। ଲୋକେ ନିଜର ଜନ୍ମଦିନ ପାଳନ ନିମନ୍ତେ ଆଜିକାଲି ହୋଟେଲ ରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ନିକଟ ଅତୀତରେ ଆକାଶ ନିଜ ଧର୍ମପତ୍ନୀଙ୍କ ଜନ୍ମ ଦିନକୁ ଗରିବ ଲୋକଙ୍କ ଗହଣ ବିତାଇ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ସେଠାରେ ଖାଦ୍ୟପେୟର ବନ୍ଦୋବସ୍ତ ସହ ଛୋଟ ପିଲାମାନଙ୍କୁ ଖାତା, ପେନ୍, ବହି ବଣ୍ଟନ କରି ସାଧାରଣ ଲୋକଙ୍କ ଜୀବନଧାରା ସହିତ ନିଜକୁ ଯୋଡିଛନ୍ତି।



ସମାଜ ସେବାକୁ ଜୀବନର ବ୍ରତ ବୋଲି ଆପଣେଇ ନେଇ ଥିବା ଆକାଶଙ୍କ ଯୁବ ପୀଢ଼ି ନିମନ୍ତେ ବାର୍ତ୍ତା ହେଲା ସମାଜର ନିମ୍ନ ସ୍ତରରେ ଥିବା ଲୋକଟି ପାଖରେ କେମିତି ସରକାରଙ୍କ ଦ୍ୱାରା ଦିଆଯାଉଥିବା ସବୁ ସୁବିଧା ପହଞ୍ଚିବ ସେଥିପାଇଁ ମିଳିତ ଚେଷ୍ଟା କରିବା। ଯେଉଁଠି ସରକାରୀ ସୁବିଧା ପହଞ୍ଚି ପାରୁନାହିଁ ସେଠାରେ ନିଜ ରୋଜଗାର ରୁ ଯେତିକି ପାରିବା ସେତିକି ଅସହାୟ ଲୋକମାନଙ୍କୁ ସାହାଯ୍ୟ କରିବା। ସେଇ ଧାରାରେ ସେ ଯୁବ ପିଢ଼ି ମାନଙ୍କୁ ସନ୍ଦେଶ ଦେଉଛନ୍ତି।

ଆସନ୍ତା ମାର୍ଚ୍ଚ ୮ ତାରିଖ ଦିନ ପାଳିତ ହେବାକୁ ଥିବା ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରଣପୁର ନିର୍ବାଚନ ମଣ୍ଡଳୀର ଏକ ଆଦିବାସୀ ଅଧ୍ୟୁଷିତ ଅନୁନ୍ନତ ପଞ୍ଚାୟତରେ ମହିଳା ମାନଙ୍କୁ ଦିବସର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇବା ସହିତ ମହିଳା ମାନେ କେମିତି ଆତ୍ମନିର୍ଭରଶୀଳା ହୋଇ ପରିବାରର ଆର୍ଥିକ ମାନଦଣ୍ଡ ବଢାଇ ପାରିବେ ସେ ବିଷୟରେ ସଚେତନା ମୂଳକ କାର୍ଯ୍ୟକ୍ରମ କାରାଇବାର ଲକ୍ଷ ରଖିଛନ୍ତି। ଆକାଶଙ୍କ ମତରେ ଜାତି ତଥା ନିଜ ଅଞ୍ଚଳର ଉନ୍ନତି ନିମନ୍ତେ ଶିକ୍ଷା ହିଁ ସର୍ବଦା ପ୍ରାଥମିକତା ହେବା ଉଚିତ। ଅନୁନ୍ନତ ଅଞ୍ଚଳରେ ବୈଷୟିକ ଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ କରିବା ସହିତ ଭବିଷ୍ୟତରେ ବୈଷୟିକ ଶିକ୍ଷା ଲାଭ ଉଦ୍ଦେଶ୍ୟ ରଖିଥିବା ପିଲାମାନଙ୍କୁ ସେ ଶିକ୍ଷା ସହଯୋଗ ପ୍ରଦାନ କରିବା ନିମନ୍ତେ ସଂକଳ୍ପବଦ୍ଧ। ବର୍ତ୍ତମାନ ଜନସାଧାରଣଙ୍କ ଉପୁଜୁଥିବା ସମସ୍ୟାର ସମାଧାନ ନିମନ୍ତେ ସେ ଯେଉଁ ଉଦ୍ୟମ ଜାରିରଖିଛନ୍ତି ତାହାକୁ ନେଇ ତାଙ୍କୁ ଚାରିଆଡୁ ପ୍ରଶଂସାର ସୁଅ ଛୁଟୁଛି। ଆଗାମୀ ଦିନରେ ତାଙ୍କ ଲୋକପ୍ରିୟତାକୁ ଆଧାର କରି କୌଣସି ଦଳ ତାଙ୍କୁ ଦଳୀୟ ଟିକେଟ ଦେବାର ସମ୍ଭାବନାକୁ ମଧ୍ୟ ଏଡାଇ ହେବନାହିଁ।





## କେବେ ସରିବ ପାନୀୟ ଜଳ ପ୍ରକଳ୍ପ ?

# ହରଡ଼ଘଣାରେ ନେତା ଓ ପ୍ରଶାସକ

**ମାଲକାନଗିରି (ଭିଓଭି):** ଆସିଲାଣି ଗ୍ରୀଷ୍ମ ଋତୁ। ଉକ୍ଟ ହେଉଛି ପାନୀୟ ଜଳ ପ୍ରକଳ୍ପ। ହେଲେ ସରୁନି ପ୍ରକଳ୍ପ କାମ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ନିର୍ବାଚନ ଋତୁ ଆସୁଥିବାରୁ ହରଡଘଣାରେ ପଡ଼ିଛନ୍ତି ନେତା ଓ ପ୍ରଶାସକ ! ପ୍ରକଳ୍ପ କାମ ସରିନଥିବାରୁ ମାଲକାନଗିରି ଜିଲ୍ଲାର ଜନତା ଗୋଟି ଗୋଟି କରି ହିସାବ ମାଗିବେ ବୋଲି ଚର୍ଚ୍ଚା ହେଉଛି।

କାଳିମେଳା ବ୍ଲକର ଦୁଇଟି, ମାଲକାନଗିରି ବ୍ଲକର ଗୋଟିଏ ପାନୀୟ ଜଳ ପ୍ରକଳ୍ପ କାମ ୨୦୨୨ ସେପ୍ଟେମ୍ବର ୯ ତାରିଖରେ ସରିବା କଥା। ଇତି ମଧ୍ୟରେ ଗୋଟିଏ ବର୍ଷରୁ ଅଧିକ ସମୟ ବିତି ଗଲାଣି। ହେଲେ ଆଜି ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ସରି ପାରିଲା ନାହିଁ। ବର୍ତ୍ତମାନ ସୁଦ୍ଧା ମାତ୍ର ୫୯ ପ୍ରତିଶତ କାମ ହୋଇଥିବା ଦେଖିବାକୁ ମିଳିଛି।



ସେହିପରି କୋରକୋଣ୍ଡା, ପଡିଆ ଓ ଚିତ୍ରକୋଣ୍ଡାର ଦୁଇଟି ଲେଖାଏଁ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୨୦୨୩ ଡିସେମ୍ବର ୯ ତାରିଖରେ ସରିବା କଥା। ଇତି ମଧ୍ୟରେ ୨୦୨୩ ଯାଇ ୨୦୨୪ ପଶିଲାଣି। ହେଲେ ଆଜି ପର୍ଯ୍ୟନ୍ତ ପ୍ରକଳ୍ପ କାମ ସରିଲା ନାହିଁ। କେଉଁଠି ପ୍ରକଳ୍ପ କାମ ୧୭ ପ୍ରତିଶତ ସରିଛି ତ ଆଉ କାହାର କାମ ୪୭ ପ୍ରତିଶତ ହୋଇଛି।

ସେପଟେ କାଳିମେଳା ଦୁଇଟି, ମାଥିଲିରେ ଦୁଇଟି, ମାଲକାନଗିରିର ଦୁଇଟି ଓ ଖଇରପୁଟ ବ୍ଲକର ଗୋଟିଏ ଲେଖାଏଁ ପାନୀୟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୨୦ ଫେବ୍ରୁଆରୀ ୧୫ ତାରିଖରେ ସରିବା କଥା। ହେଲେ ମାତ୍ର ୧୭ ପ୍ରତିଶତ କାମ ହୋଇଛି। ପାନୀୟ ଜଳ ପ୍ରକଳ୍ପ କାମ କେବେ ସରିବ, ତାହାର ଉତ୍ତର କାହାପାଖରେ ନାହିଁ।

ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସରୁନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ପାଣି ମୁନ୍ଦାଏ ପାଇଁ ଲୋକେ ଡହଳ ବିକଳ ହେଉଛନ୍ତି। ଏପରିକି ପାଣି ପାଇଁ ଲୋକଙ୍କ ମଧ୍ୟରେ ମାରପିଟ୍ ହେଉଥିବା ଦେଖିବାକୁ ମିଳୁଛି। ଏମ୍-୫୪ ଗାଁରେ ରହିଛି ଗୋଟିଏ ନଳକୂପ। ଅପରାହ୍ନ ୨ଟା ବେଳେ ନଳକୂପ ପାଖରେ ଅସମ୍ଭାଳ ଭିଡ। ପାଣି ନେବା ପାଇଁ ଠେଲାପେଲା ହେଉଛନ୍ତି। ଯଦି ଅପରାହ୍ନ ୨ଟା ବେଳେ ଏଭଳି ଭିଡ, ତାହାହେଲେ ସକାଳର ଚିତ୍ର କେମିତି ଥିବ ?

ସବୁଠାରୁ ଦୁଃଖର ବିଷୟ ହେଉଛି, ଯେଉଁ ପାଣି ପାଇଁ ଏତେ ମାରପିଟ୍, ସେହି ପାଣି ପିଇବା ଉପଯୋଗୀ ନୁହେଁ। ଲୁହା ଗୁଣ୍ଡ ମିଶା ପାଣି ବାହାରୁଛି। ମହିଳାମାନେ ସେହି ପାଣିକୁ କପଡାରେ ଛାଣି ପିଇବା ପାଇଁ ନେଉଛନ୍ତି। ବର୍ଷା ଓ ଶୀତ ଋତୁରେ ଯେନତେନ କରି ଲୋକେ ଚଳି ଯାଉଛନ୍ତି। ହେଲେ ଗ୍ରୀଷ୍ମ ଋତୁରେ ଜଳ ସମସ୍ୟା ଉକ୍ଟ ହେଉଛି। ବାରମ୍ବାର ଠକାମୀରେ ଶିକାର ହେଉଥିବା ଜନତା ଏଥର ପାନେ ଦେବେ ବୋଲି ଚେତାବନୀ ଦେଲେଣି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ନେତାଙ୍କଠାରୁ ପାନୀୟ ଜଳ ପ୍ରକଳ୍ପର ଉତ୍ତର ମାଗିବେ ବୋଲି ଆଲୋଚନା ହେଉଛି। ସେପଟେ ଜଳ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ରିତେଶ ସାହୁ କହିଛନ୍ତି, ୨୦୨୨ରେ ଅବଧି ସରିଯାଇଥିବା ସଂପୃକ୍ତ ଠିକାଦାରଙ୍କୁ ଆମେ ପେନାଲଟି କରିବା ସହ ତୁରନ୍ତ କାମ ସରାଇବା ପାଇଁ ନିର୍ଦ୍ଦେଶ ଦେଇଛି। ଅନ୍ୟ ପ୍ରକଳ୍ପଗୁଡିକର ଡିଜାଇନ୍ ? ଆସିବା ବିଳମ୍ବ ଯୋଗୁ ନିର୍ମାଣ କାର୍ଯ୍ୟ ବିଳମ୍ବ ହୋଇଛି। ଯଥାଶୀଘ୍ର କାମ ଶେଷ କରିବା ପାଇଁ ଚେଷ୍ଟା କରାଯାଉଛି ବୋଲି ଦାବି ହେଉଛି।



# ହାତର ପାପୁଲି ନାହିଁ କିନ୍ତୁ ହାର ମାନିନାହାନ୍ତି

**କଟକ (ଭିଓଭି):** ଗୋଟିଏ ହାତର ପାପୁଲି ହରେଇଛନ୍ତି। କିନ୍ତୁ କମିନି ମନୋବଳ। ଥମିନି ଉତ୍ସାହ। ଅତି ସୂକ୍ଷ୍ମ ଓ ନିଖୁଣତାର ସହ ସେ ତିଆରି କରୁଛନ୍ତି ତାରକସି କାରୁକାର୍ଯ୍ୟ। କାରିଗର ପରିବାରରୁ ଆସିଥିବା କଟକ ସହରର ଇଏ ହେଉଛନ୍ତି ଚାନ୍ଦି କାରିଗର ପଙ୍କଜ ସାହୁ। ନିଜ ବାପାଙ୍କ ଠାରୁ ଏହି ସୂକ୍ଷ୍ମ କଳା ଶିଖି ନିଜ ହାତର ଯାଦୁଗରିରେ ତିଆରି କରୁଛନ୍ତି ଆକର୍ଷଣୀୟ କଳାକୃତି। ଯାହା ପାଇଁ ଗତ କିଛିଦିନ ତଳେ ଫରିଦାବାଦରେ ଅନୁଷ୍ଠିତ ୩୭ ତମ ଆନ୍ତର୍ଜାତିକ କ୍ରାଫ୍ଟ ମେଳାରେ 'କଳାରତ୍ନ' ସମ୍ମାନରେ ସମ୍ମାନିତ ହୋଇ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ପଙ୍କଜ।

ରୁପା ତାରକସିରେ ଛତା ଆକୃତିର ପୂଜା ସାମଗ୍ରୀ ନିର୍ମାଣ କରି ଏହି କ୍ରାଫ୍ଟ ମେଳାରେ ବେଶ୍ ପ୍ରଶଂସିତ ହୋଇଛନ୍ତି। ଯେଉଁଥିପାଇଁ ଅନ୍ତର୍ଜାତୀୟ ସ୍ତରରେ ଚମକିଛି କଟକର ତାରକସି କାରୁକାର୍ଯ୍ୟ। ଏବେ ଚାରିଆଡୁ ତାଙ୍କ ପାଖକୁ ଛୁଟୁଛି ସମ୍ବର୍ଦ୍ଧନାର ସୁଅ।

୧୯୯୪ ମସିହାରେ ତାରକସି କାରୁକାର୍ଯ୍ୟ ପାଇଁ ରାଷ୍ଟ୍ରପତିଙ୍କ ଠାରୁ ପୁରସ୍କୃତ ହୋଇଥିଲେ ପଙ୍କଜ। ୨୦୦୦ ମସିହାରେ ଏକ ଦୁର୍ଘଟଣାରେ ନିଜର ବାମ ହାତର ପାପୁଲି ହରାଇ ବସିଥିଲେ। ତେବେ ସେଥିରେ ନିରୁତ୍ସାହିତ ନହୋଇ ଗୋଟିଏ ହାତରେ ତାଙ୍କର ସାଧନା ଜାରି ରଖିଥିଲେ। କେବଳ ସେତିକି ନୁହେଁ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧିନ ଗୁରୁ ଶିଷ୍ୟ ପରମ୍ପରା ମାଧ୍ୟମରେ ନିଜେ ବହୁ ମହିଳା ଓ ପୁରୁଷଙ୍କୁ ତାଲିମ ପ୍ରଦାନ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବାକୁ ଆଗେଇ ଆସିଛନ୍ତି। ସେଥିପାଇଁ ସେ କଟକ ସହରର କ୍ରାଫ୍ଟ ମ୍ୟାନ ଭାବେ ପରିଚିତି ପାଇଛନ୍ତି। ସେପଟେ ଆନ୍ତର୍ଜାତିକ ବଜାରରେ ତାରକସି କାରୁକାର୍ଯ୍ୟର ବିକ୍ରି ବ୍ୟବସ୍ଥା ହୋଇପାରିଲେ, ଏହି କଳାର ବିକାଶ ହୋଇପାରିବ ବୋଲି ପଙ୍କଜ ଆଶା ପ୍ରକାଶ ପାଇଛି।

# ମିଳୁନି ପ୍ରୋତ୍ସାହନ; ଡେରା ପକାଇଛନ୍ତି ବାହାର ରାଜ୍ୟର ଅଦା ବେପାରୀ

କୋରାପୁଟ (ଭିଓଭି): କୋରାପୁଟର ଅଦା ଏକ ଜିଲ୍ଲା ଏକ ଉତ୍ପାଦ (ODOP) ତାଲିକାରେ ସ୍ଥାନ ପାଇଛି। ହେଲେ ଅଦା ଚାଷୀଙ୍କୁ ମିଳୁନି ଉଚିତ ବଜାର ମୂଲ୍ୟ। ଯାହାଫଳରେ ଚାଷୀମାନେ ଯେମିତି ଅଭାବ ଓ ଅନଟନରେ ଜୀବନ ନିର୍ବାହ କରୁଥିଲେ, ଏବେ ମଧ୍ୟ ଠିକ୍ ସେମିତି କାଳାତିପାତ କରୁଛନ୍ତି। ଚାଷୀମାନେ ଅଭାବ ଅନଟନରେ ପଡ଼ି ଶାଗମାଛ ଦରରେ କର୍ଣ୍ଣାଟକ, କେରଳ, ଆନ୍ଧ୍ର ଓ ଛତିଶଗଡ଼ର ଦଲାଲଙ୍କୁ ବିକି ଦେଉଛନ୍ତି। ସବୁଠାରୁ ଦୁଃଖର ବିଷୟ ମିଲେଟ୍‌କୁ ପ୍ରୋତ୍ସାହନ ଦେଉଥିବା ରାଜ୍ୟ ସରକାର ଅଦା ଚାଷୀଙ୍କ କଥା ଚିନ୍ତା କରୁନାହାନ୍ତି। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

କୋରାପୁଟ ଜିଲ୍ଲାର ଜଳବାୟୁ ଓ ଜମି ଅଦା ଚାଷ ପାଇଁ ବେଶ ଉପଯୋଗୀ। ଜିଲ୍ଲାର ପଟାଙ୍ଗି, ଲକ୍ଷ୍ମୀପୁର, ନନ୍ଦପୁର, ଲମଟାପୁଟ, କୋରାପୁଟ, ନାରାୟଣପାଟଣା, ବନ୍ଧୁଗାଁ, ଦଶମନ୍ତପୁର ବ୍ଲକରେ ଅଦା ଚାଷ ବହୁ ପରିମାଣରେ ହେଉଥିବା ବେଳେ ଅନ୍ୟ ବ୍ଲକ ଗୁଡ଼ିକରେ ମଧ୍ୟ ଚାଷ ହେଉଛି। ପ୍ରାୟ ୪ ହଜାର ହେକ୍ଟର ଜମିରେ ଅଦା ଚାଷ ହେଉଛି। ଏହି ଚାଷରୁ ପ୍ରତିବର୍ଷ ପ୍ରାୟ ୫୦ ହଜାର ମେଟ୍ରିକ ଟନ ଉତ୍ପାଦନ ହେଉଥିବା ଉଦ୍ୟାନ କୃଷି ବିଭାଗ ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ଅଦା ଅମଳ ଡିସେମ୍ବର ଓ ଜାନୁଆରୀରେ ହୋଇଥାଏ। ତେବେ ସରକାର ଜିଲ୍ଲାର କଫି ଓ ମିଲେଟ ଭଳି ଅଦା ପାଇଁ ସ୍ୱତନ୍ତ୍ର ବଜାର ବ୍ୟବସ୍ଥା କରିବା ଆବଶ୍ୟକ ରହିଛି। ଏଠାରେ ସ୍ୱତନ୍ତ୍ର ବଜାର ହେଲେ ସ୍ଥାନୀୟ ଚାଷୀ ଉପକୃତ ହେବା ସହ ରାଜ୍ୟ ସରକାରଙ୍କ ରାଜସ୍ୱ ଆଦାୟ ମଧ୍ୟ ବଢିପାରିବ।

ଅମଳ ପରେ ଅଦାକୁ ଗଚ୍ଛିତ ରଖିବାର କୌଣସି ବ୍ୟବସ୍ଥା ନଥିବାରୁ ଶାଗମାଛ ଦରରେ ବେପାରୀଙ୍କୁ ବିକି ଦେଉଥିବା ଚାଷୀମାନେ କହିଛନ୍ତି। କମ୍ ଦାମରେ ଅଦା ମିଳୁଥିବାରୁ କର୍ଣ୍ଣାଟକ, କେରଳ, ଆନ୍ଧ୍ର ଓ ଛତିଶଗଡ଼ ରାଜ୍ୟର ଦଲାଲମାନେ ଏଠାରେ କିଣି ନେଉଛନ୍ତି। ଯିଏ ଯେମିତି ପାରିଲା



କିଣୁଛି। ଏପରିକି କିଛି ବ୍ୟବସାୟୀ କଞ୍ଚା ଅଦାକୁ ଶୁଖାଇ ଓ ପ୍ରୋସେସିଂ କରି ନେଇଯାଉଛନ୍ତି। ସେଥିପାଇଁ ମେଶିନ୍ ମଧ୍ୟ ବସାଇଛନ୍ତି। କିଛି କିଛି ସ୍ଥାନରେ ଅଦାକୁ ପାଓ୍ୱଡର ଫର୍ମାଟରେ ପ୍ରସ୍ତୁତ କରାଯାଇ ନିଆଯାଉଥିବା ଦେଖିବାକୁ ମିଳୁଛି। ଅର୍ଥାତ କୋରାପୁଟ୍‌ର ଯେଉଁ ଅଦାକୁ ସେମାନେ ୪୦ରୁ ୫୦ ଟଙ୍କାରେ କିଛି ଉଚ୍ଚ ଦରରେ ବିକ୍ରି କରି ମାଲାମାଲ୍ ହେଉଛନ୍ତି।

ଚାଷୀଙ୍କ ସମସ୍ୟା ନେଇ ଉଦ୍ୟାନ କୃଷି ବିଭାଗର ଉପ-ନିର୍ଦ୍ଦେଶକ ସୁଦାମ ଚନ୍ଦ୍ର ବିଶ୍ୱାଳ କହିଛନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଜିଲ୍ଲା ଏକ ଉତ୍ପାଦ ବର୍ଗରେ କୋରାପୁଟ ଜିଲ୍ଲାର ଅଦାକୁ ମାନ୍ୟତା ଦିଆଯାଇଛି। ମାନ୍ୟତା ମିଳିବାକୁ ଦୁଇ ବର୍ଷ ହୋଇଯାଇଛି। ଏହି ମାନ୍ୟତା ମିଳିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚାଷ କ୍ଷେତ୍ରରେ ପ୍ରୋତ୍ସାହନ, ବଜାରିକରଣ ବ୍ୟବସ୍ଥା ଓ ପ୍ରୋସେସିଂ କରିବା ଆଦି। ତେବେ ବର୍ଷେ ହେବ ଏହାର ପ୍ରୋସେସିଂ ଓ ବଜାରିକରଣ ଦିଗରେ କାର୍ଯ୍ୟ ଆରମ୍ଭ ହୋଇଛି। ଅନୁରୂପ ଭାବେ ଜିଲ୍ଲା ମିଶନ ଶକ୍ତିର ଡ଼ିପିଏମ୍ ମଧ୍ୟ ଜିଲ୍ଲାର ନନ୍ଦପୁରଠାରେ ଏକ ପ୍ରୋସେଶିଂ ୟୁନିଟ୍ ସ୍ଥାପନ କରାଯାଇଛି। ସେଥିପାଇଁ ମିଶନ ଶକ୍ତି ଜରିଆରେ ୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ଆଗକୁ ଗ୍ରୁପ୍ ମାଧ୍ୟମରେ ସେମିଳିଗୁଡା, ପଟାଙ୍ଗି ଓ ଲମତାପୁଟଠାରେ ଏଭଳି ପ୍ରୋସେଶିଂ ୟୁନିଟ୍ ସ୍ଥାପନ ପାଇଁ ଯୋଜନା ରହିଛି। ଏଠାରୁ ଉତ୍ପାଦନ ହେଉଥିବା ସାମଗ୍ରୀର ବ୍ୟବସାୟ ପାଇଁ ବେଙ୍ଗାଲୁରୁ ଦୁଇଟି ସଂସ୍ଥା ସହିତ ଚୁକ୍ତି ସାରିଛି ବୋଲି ଉପ-ନିର୍ଦ୍ଦେଶକ କହିଛନ୍ତି।

## CELEBRATING WOMEN'S DAY

# HONOURING PROGRESS, EMPOWERING CHANGE



**Nihar Ranjan Acharya**



As the world gears up to celebrate International Women's Day on March 8th, it's a poignant moment to reflect on the remarkable strides women have made throughout history and the continued journey towards gender equality and empowerment. This day serves as a global reminder of the invaluable contributions women make to society, politics, culture, and the economy, while also highlighting the ongoing struggles they face.

The theme for International Women's Day in 2024 is 'INVEST IN WOMEN: ACCELERATE PROGRESS'. It means focusing on supporting and investing in women to make things better for everyone. This annual observance serves as a reminder of the progress made in advancing gender equality while highlighting the work that remains to be done to empower women and girls in all facets of life. Over the years, International Women's Day has evolved into a powerful platform for raising awareness about women's rights, celebrating their achievements, and advocating for gender parity. The theme of this year's Women's Day resonates with the spirit of resilience and empowerment, urging individuals and communities worldwide to take action towards creating a more inclusive and equitable society. From the boardroom to the classroom, from the halls of government to the corridors of innovation, women are breaking barriers, challenging norms, and driving positive change.

One of the most significant milestones in the fight for women's rights has been the progress made in education. Access to education for girls and women has expanded, empowering them with knowledge, skills, and opportunities that were once out of reach. Today, women are excelling in fields traditionally dominated by men, breaking stereotypes, and inspiring future generations to pursue their dreams. However, despite significant strides, women continue to face formidable challenges. Gender disparities persist in various areas, including employment, healthcare, education, and political representation. Women are often paid less than their male counterparts for the same work, face barriers to career advancement, and are disproportionately affected by poverty and violence.

The COVID-19 pandemic has exacerbated existing gender inequalities, with women bearing the brunt of the crisis. From increased caregiving responsibilities to job losses and economic hardships, women have faced unique challenges during these unprecedented times. It's imperative to prioritize gender-responsive policies and investments to address the specific needs of women and ensure and equitable recovery for all.

Empowering women isn't just a moral imperative; it's also essential for sustainable development and economic growth. Studies have shown that societies and economies thrive when women are empowered, educated, and included in decision-making processes. Investing in women's education, health, and economic opportunities not only benefits individuals and families but also strengthens communities and drives progress on a global scale. This Women's Day, let us reaffirm our commitment to advancing gender equality and women's rights. Let us celebrate the achievements of women past and present, while also acknowledging the work that lies ahead. It's a day to honour the trailblazers, activists, leaders, and everyday heroes who have championed the cause of women's empowerment and paved the way for progress.

Empowering women isn't the right thing to do; it's also the smart thing to do. On this Women's Day, let us stand together in solidarity, amplifying women's voices, advocating for gender equality, and building a more just and inclusive world for future generations. Together, we can create a future where every woman and girl has the opportunity to fulfill her dreams, unleash her potential, and live life on her own terms. Because when women thrive, societies prosper, and the world becomes a better place for all.

Author of "Understanding and Addressing Climate Change Vol.1" – a Best Seller Book on Climate Change
Founder and Working Director, TRUST – a Science Lover Organization
'Scientific Officer',
Indian Climate Congress

**Email: nihar.acharya@rediffmail.com, nihar.acharya1973@gmail.com**
**Ph.8249775817**



# ଅଜବ ଦାବି, ଆବେଦନକାରୀଙ୍କୁ ଚେତାବନୀ ଦେଲେ ସୁପ୍ରିମ୍‌କୋର୍ଟ

ଅଜବ ଦାବି ନେଇ ସୁପ୍ରିମକୋର୍ଟରେ ପହଞ୍ଚିଥିବା ଜଣେ ବ୍ୟକ୍ତିଙ୍କୁ ଖୋଲାଖୋଲି ଭାବେ ଚେତାବନୀ ଦେଇଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ଡିଓ୍ୱାଇ ଚନ୍ଦ୍ରଚୂଡ଼। ଆବେଦନକାରୀ ଦେଶର ସମସ୍ତ ସାଂସଦ ଓ ବିଧାୟକଙ୍କ ସବୁ କାର୍ଯ୍ୟକଳାପ ଉପରେ ଡିଜିଟାଲ ଉପାୟରେ ନଜର ରଖିବା ପାଇଁ ନିବେଦନ କରିଥିଲେ। ଏହା ଶୁଣି ସିଜେଆଇ ଆଶ୍ଚର୍ଯ୍ୟ ହେବା ସହ ବିରକ୍ତି ମଧ୍ୟ ପ୍ରକାଶ କରିଛନ୍ତି।

ଆବେଦନକୁ ଅଗ୍ରାହ୍ୟ କରି ଏପରି ନିବେଦନ ନେଇ ଆସିଥିବା ଆବେଦନକାରୀଙ୍କୁ ସୁପ୍ରିମକୋର୍ଟ ଚେତାବନୀ ଦେଇଛନ୍ତି। ସିଜେଆଇ ଜଷ୍ଟିସ ଚନ୍ଦ୍ରଚୂଡ଼ ଆବେଦନକାରୀ ସୁରିନ୍ଦର କୁନ୍ଦ୍ରାଙ୍କୁ କହିଛନ୍ତି, "କ'ଣ ନଜର ରଖିବା ପାଇଁ ସମସ୍ତ ସାଂସଦ ଓ ବିଧାୟକଙ୍କ କାନ୍ଧରେ ମାଇକ୍ରୋଚିପ ଲଗାଇବୁ? କେମିତି ବିଧାୟକ ଓ ସାଂସଦମାନଙ୍କୁ ଡିଜିଟାଲ ଉପାୟରେ ମନିଟର କରାଯିବ? ସାଂସଦ ଓ ବିଧାୟକମାନଙ୍କର ମଧ୍ୟ ବ୍ୟକ୍ତିଗତ ଗୋପନୀୟତାର ଅଧିକାର ରହିଛି। ଆମେ କେମିତି ଏଥିରେ ହସ୍ତକ୍ଷେପ କରିବୁ? ଭବିଷ୍ୟତରେ ଏପରି ଆବେଦନ ଯେମିତି ଦାଖଲ ନ ହୁଏ।"



ସାଧାରଣ ଲୋକଙ୍କ ସମୟ ନଷ୍ଟ ହେଉଥିବାରୁ ଶୁଣାଣି ଆରମ୍ଭରୁ ସୁପ୍ରିମକୋର୍ଟ ଆବେଦନକାରୀ କୁନ୍ଦ୍ରାଙ୍କ ଉପରେ ୫ ଲକ୍ଷ ଟଙ୍କାର ଜୋରିମାନା ଲାଗୁ କରିବାର ଚେତାବନୀ ଦେଇଥିଲେ। ଏକଥା ଶୁଣି କୁନ୍ଦ୍ରା କହିଥିଲେ ଯେ ନିଜର ପକ୍ଷ ରଖିବା ପାଇଁ ସର୍ବୋଚ୍ଚ ଅଦାଲତ ୧୫ ମିନିଟ ସମୟ ଦିଅନ୍ତୁ।

ନିଜର ଯୁକ୍ତି ଉପସ୍ଥାପନ କରି ଶ୍ରୀ କୁନ୍ଦ୍ରା କହିଥିଲେ ଯେ ନିର୍ବାଚନ ଜିତିବା ପରେ ସାଂସଦ ଓ ବିଧାୟକମାନେ ନିଜକୁ ଶାସକ ଭାବେ ଚିତ୍ରଣ କରୁଛନ୍ତି। ସେମାନଙ୍କ କାର୍ଯ୍ୟକଳାପ ଉପରେ ନଜର ରହିବା ଦରକାର। ତେଣୁ ସମସ୍ତ ସାଂସଦ ଓ ବିଧାୟକଙ୍କ ଘର ଠାରୁ ଆରମ୍ଭ କରି ସେମାନେ ଯାଉଥିବା ସ୍ଥାନଗୁଡ଼ିକରେ ସିସିଟିଭି ଫୁଟେଜ ଲଗାଇ ୨୪ ଘଣ୍ଟିଆ ମନିଟରିଂ ବ୍ୟବସ୍ଥା କରାଯାଉ। ଏହି ଫୁଟେଜ ସମସ୍ତ ସାଧାରଣ ଲୋକଙ୍କ ମୋବାଇଲରେ ମଧ୍ୟ ଉପଲବ୍ଧ ହେବା ଦରକାର ବୋଲି ସେ କହିଥିଲେ।

୧୫ ମିନିଟର ସମୟ ଅତିକ୍ରମ କରିବା ପୂର୍ବରୁ ସିଜେଆଇ ଆବେଦନକାରୀଙ୍କୁ ଅଟକାଇ ଦେଇଥିଲେ। ତାଙ୍କ ଆବେଦନକୁ ଅଗ୍ରାହ୍ୟ କରି ସିଜେଆଇ ଚନ୍ଦ୍ରଚୂଡ଼ କହିଥିଲେ ଯେ ସେ ନିଜକୁ ଆବେଦନକାରୀଙ୍କ ଉପରେ ଲାଗିଥିବା ଫାଇନ ନିର୍ଦ୍ଦେଶରୁ ଦୂରେଇ ରଖୁଛନ୍ତି। କିନ୍ତୁ ସେ ଆବେଦନକାରୀଙ୍କୁ କୋର୍ଟଙ୍କ ସମୟ ନଷ୍ଟ ନ କରିବାକୁ ପରାମର୍ଶ ଦେଇଛନ୍ତି।

# ଲୁଟ୍ ଓ ଠକେଇ: ଶେଷରେ ଆଇନ୍‌ର ଆଶ୍ରୟ ନେଲେ ନେଦଲ୍ୟାଣ୍ଡସ୍ ପର୍ଯ୍ୟଟକ

ରଶ୍ମି ରଞ୍ଜନ ମହାରଥା
ପୁରୀ, ଜିଲ୍ଲା ପ୍ରତିନିଧି

ପୁରୀ (ଭିଓଭି): ଭାରତର ଭରପୁର ପ୍ରାକୃତିକ ପରିବେଶରୁ କିଛି ଅଭିଜ୍ଞତା ସାଉଁଟି ନିଜ ମାଟିକୁ ଫେରିଯିବା ପାଇଁ ତିନି ମାସର ଭିସା ଆଣି ପୁରୀରେ ପହଁଚିଥିଲେ ନେଦରଲାଣ୍ଡର ୭୨ ବର୍ଷୀୟ ପର୍ଯ୍ୟଟକ ତଥା ପ୍ରକୃତି ପ୍ରେମୀ ଆନଥ୍ଥୋନୀ ଭ୍ୟାନ ଅର୍କେଲ । ମାତ୍ର ପୁରୀରେ ପହଂଚିବା ପରେ ବିଦେଶୀ ପର୍ଯ୍ୟଟକ ଜଣଙ୍କ ଠାରୁ ନଗଦ ତିନିଲକ୍ଷ ସତାଅଶୀ ହଜାର ଟଙ୍କା ସହ ସର୍ବସ୍ୱ ଲୁଟି ନେଲା ଜଣେ ଟାକ୍ସି ଡ୍ରାଇଭର । ପୋଲିସ୍ କେବଳ ଅଭିଯୁକ୍ତର ଟ୍ୟାକ୍ସିଟିକୁ ଜବତ କରି ପର୍ଯ୍ୟଟକ ଜଣଙ୍କୁ ଭିକାରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଆଶ୍ରୟସ୍ଥଳ ରେ ଛାଡି ଦେଇ ନିରବରେ ବସିପଡିଛି। ଏଣେ ଦୀର୍ଘ ୩୪ ଦିନ ହେବ ବିଦେଶୀ ପର୍ଯ୍ୟଟକ ଜଣକ ନିଜ ଦେଶକୁ ଫେରି ନ ପାରି ଭିକାରୀ ଆଶ୍ରୟ ସ୍ଥଳରେ ଦିନ କାଟୁଛନ୍ତି। ଘଟଣାରୁ ପ୍ରକାଶ ଯେ, ନେଦରଲାଣ୍ଡର ୭୨ ବର୍ଷୀୟ ପର୍ଯ୍ୟଟକ ଆନ୍ଥୋନୀ ଭ୍ୟାନ ଅର୍କେଲ ଭାରତ ଭ୍ରମଣରେ ଆସି ଗତ ଡିସେମ୍ବର ମାସ ୧୮ ତାରିଖରେ ପହଁଚିଥିଲେ । ଅନେକ ସ୍ଥାନ ଭ୍ରମଣ ପରେ ଜାନୁଆରୀ ୯ ତାରିଖରେ ପୁରୀ ତୋଷାଲି ସ୍ୟାଣ୍ଡ୍ସ ହୋଟେଲରେ ରହି ୧୧ ତାରିଖ ଦିନ ଗୋଟିଏ ଟାକ୍ସି ଯୋଗେ ଶିମିଳିପାଳ, ଭିତରକନିକା ଆଦି ସ୍ଥାନ ଭ୍ରମଣରେ ବାହାରିଥିଲେ । ମାତ୍ର ଚାନ୍ଦବାଲି ଠାରେ ସଂପୃକ୍ତ ଟାକ୍ସି ଡ୍ରାଇଭର ଜଣଙ୍କ କୌଶଳ କ୍ରମେ ଉକ୍ତ ପର୍ଯ୍ୟଟକଙ୍କ ପାଖରେ ଥିବା ତିନିଲକ୍ଷ ସତାଅଶୀ ହଜାର ଟଙ୍କାକୁ ଲୁଟି ନେଇଥିଲା ଏବଂ ବିଭିନ୍ନ ବାହାନା ଦେଖାଇ ସେଠାରୁ ଭୁବନେଶ୍ୱର ଫେରି ଆସି ସେଠାରେ ଦୁଇ ଦିନ ବନ୍ଦ ଘର ଭିତରେ ରଖିଥିଲା ଏବଂ ପରେ ପୁରୀରେ ଆଣି ବିଭିନ୍ନ ବାହାନା ଦେଖାଇ ନିଜ ଘରେ ୧୧ ଦିନ ରଖିବା ପରେ ତୁମ ଟଙ୍କା ମିଳିଯାଇଛି ଏବଂ ଚୋର ଧରା ପଡିଛି, ମୁମ୍ବାଇ ପୋଲିସ୍ ମୋତେ ଫୋନ କରିଥିଲେ ସେଠାକୁ ଯିବାକୁ ହେବ କହି କୌଶଳ କ୍ରମେ ପର୍ଯ୍ୟଟକ ଜଣଙ୍କର ହାତ ଘଂଟା, ମୁଦି,




କ୍ୟାମେରା ଇତ୍ୟାଦି ସହିତ ପାଖରେ ଥିବା ଅବଶିଷ୍ଟ ଏକଲକ୍ଷ ପଚାଶ ହଜାର ଟଙ୍କା ଲୁଟି ନେଇ ଦିଲ୍ଲୀ ଯିବା ଟ୍ରେନ୍‌ରେ ବସାଇ ଦେଇଥିଲା। ବିଦେଶୀ ପର୍ଯ୍ୟଟକ ଜଣଙ୍କ ପୁଣି ଠକାମିର ଶିକାର ହୋଇଥିବା ଜାଣିବା ପରେ ପୁରୀ ଫେରି ଆସି ଜାନୁଆରୀ ୨୫ ତାରିଖରେ ମେରାଇନ୍ ଥାନାରେ ଅଭିଯୋଗ କରିଥିଲେ । ତାପରେ ପୋଲିସ୍ ତାଙ୍କୁ ପୁରୀ ବଳିଆପଣ୍ଡା ସ୍ଥିତ ଏକ ଭିକାରି ଆଶ୍ରୟ ସ୍ଥଳରେ ଛାଡି ଘଟଣାର ଛାନ୍‌ଭିନ୍ କରି ସଂପୃକ୍ତ ଟ୍ୟାକ୍ସି ନଂ (OD 02 BU 8723) କୁ ଜବତ କରି ବଳିଆପଣ୍ଡା ଥାନାରେ ଅଟକ ରଖିଛନ୍ତି । ହେଲେ ପୋଲିସ୍ ଉକ୍ତ ଟ୍ୟାକ୍ସି ଡ୍ରାଇଭରକୁ ଧରିବାରେ ଏ ଯାଏ ସଫଳ ହୋଇ ପାରି ନାହାନ୍ତି। ଏ ବିଷୟ ପୁରୀ 'ଉମିଦ ଫାଉଣ୍ଡେସନ' ର ସଂପାଦକ ତଥା ଯୁବ ସମାଜସେବୀ ଡାନିଆଲ ନାୟକ ଜାଣିବା ପରେ ସଂପୃକ୍ତ ପର୍ଯ୍ୟଟକଙ୍କୁ ନେଇ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଶୀଲ କୁମାର ମିଶ୍ର ଏବଂ ଉପ ଆରକ୍ଷୀ ଅଧିକ୍ଷକ ସହରାଂଚଳ ପ୍ରଶାନ୍ତ କୁମାର ସାହୁଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ । ମାତ୍ର ଫେବୃଆରୀ ୯ ତାରିଖରୁ ଆଜି ଯାଏ ପୋଲିସ୍ କିଛି ପଦକ୍ଷେପ ନେଇ ନାହାନ୍ତି । ପୁରୀକୁ ଦୈନନ୍ଦିନ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ଆସି ଥାଆନ୍ତି । ପୁରୀର ଗୌରବ ରକ୍ଷା ଏବଂ ବିଦେଶରେ ପୁରୀ ର ଭାବମୂର୍ତି ଅକ୍ଷୁର୍ଣ୍ଣ ରଖିବା ଉଦ୍ଦେଶ୍ୟରେ ଏହି ସଂବେଦନଶୀଳ ପ୍ରସଙ୍ଗଟିକୁ ହାଇଲାଇଟ ନକରି, ବିଦେଶୀ ପର୍ଯ୍ୟଟକ ଜଣଙ୍କୁ ଯଥାସମ୍ଭବ ସାହାଯ୍ୟ କରିବା ପାଇଁ ମୁଁ ଚେଷ୍ଟା କରିଥିଲି । ମାତ୍ର ସରକାରଙ୍କ ଉଦାସୀନତା ଯୋଗୁଁ ବିଦେଶୀ ପର୍ଯ୍ୟଟକ ଜଣକ ନିଜ ଦେଶକୁ ଫେରି ନପାରି ଆଜି ଭିକାରି ମାନଙ୍କ ପାଇଁ ଉଦିଷ୍ଟ ଆଶ୍ରୟସ୍ଥଳରେ ରହିଛନ୍ତି । ତେଣୁ ଏହି ସମ୍ବେଦନଶୀଳ ଘଟଣାଟିକୁ ଗଣମାଧ୍ୟମ ସମ୍ମୁଖରେ ଉପସ୍ଥାପନା କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗ କାମନା କରୁଛି ବୋଲି ସମାଜସେବି ଡାନିଆଲ ପ୍ରକାଶ କରିଛନ୍ତି ।

ଆନ୍ଥୋନିଙ୍କ ଅଭିଯୋଗ କ୍ରମେ ଟାଉନ ଥାନା ପୁଲିସ୍ ଏକ ମାମଲା ରୁଜୁ କରି ଟ୍ୟାକ୍ସିକୁ ଜବତ କରିଛି। କିନ୍ତୁ ଅଭିଯୁକ୍ତ ଡ୍ରାଇଭର ଫୋରାର ହୋଇଯାଇଛି। ଏନେଇ ନେଦରଲ୍ୟାଣ୍ଡସ୍ ଦୂତାବାସ ସହ ଯୋଗାଯୋଗ କରାଯାଇ ପଦକ୍ଷେପ ନିଆଯିବ। ଏଥିସହ ଅଭିଯୁକ୍ତକୁ ଧରାଯିବ ବୋଲି ପୁରୀ ଏସ୍‌ପି କହିଛନ୍ତି। ଚୋରି ଓ ନୀଳାଦ୍ରି ନିଳୟର ରହଣି ସିନା ତିକ୍ତ ଅଭିଜ୍ଞତା ଦେଇଥିଲା। କିନ୍ତୁ ପରେ ଯେଉଁ ସାହାଯ୍ୟ ସେ ପାଇଛନ୍ତି, ସେଥିରେ ଆନ୍ଥୋନି କୃତ୍ୟକୃତ୍ୟ। ଖୁସିରେ ସମସ୍ତଙ୍କୁ ସେ ଧନ୍ୟବାଦ ଦେଇଛନ୍ତି।

# ଲିଭ୍-ଇନ୍‌ରେ ଥିବା ମୁସଲିମ୍ ମହିଳା ଲୋଡ଼ିଲେ ସୁରକ୍ଷା

**ନୂଆଦିଲ୍ଲୀ:** ବିବାହିତା ହେବା ସତ୍ତ୍ୱେ ହିନ୍ଦୁ ପୁରୁଷଙ୍କ ସହ ଲିଭ -ଇନ୍‌ରେ ରହିଥିବା ମୁସଲିମ ମହିଳାଜଣକ କୋର୍ଟଙ୍କ ନିକଟରେ ସୁରକ୍ଷା ଲୋଡ଼ିଛନ୍ତି। ତେବେ ଏହାକୁ ନେଇ ମହିଳାଜଣଙ୍କୁ କୋର୍ଟ କଡ଼ା ଜବାବ ଦେବା ସହ ଏହା ବ୍ୟଭିଚାର ସହ ସମାନ ବୋଲି କହିଛନ୍ତି। ମହିଳାଜଣକ ଧର୍ମ ପରିବର୍ତ୍ତନ ପାଇଁ ଆବେଦନ କରି ନ ଥିବା ବେଳେ ନିଜ ସ୍ୱାମୀଙ୍କଠାରୁ ବିଛାଡ଼ପତ୍ର ନେଇ ନାହାନ୍ତି। ତେଣୁ ଏପରି କ୍ଷେତ୍ରରେ ସେ ସୁରକ୍ଷା ପାଇବାକୁ ଯୋଗ୍ୟ ନୁହନ୍ତି ବୋଲି କହିଛନ୍ତି କୋର୍ଟ। ଏପରି ଏକ ଘଟଣା ଆହ୍ଲାବାଦ ହାଇକୋର୍ଟରେ ଘଟିଛି ।

ମୁସଲିମ୍ ଆଇନ ଅନୁଯାୟୀ, ଜଣେ ବିବାହିତା ମହିଳା ନିଜ ସ୍ୱାମୀଙ୍କ ବ୍ୟତୀତ ଆଉ କାହା ସହ ରହିବାକୁ ଘୃତ୍ୟ ଅପରାଧ ବୋଲି ବିବେଚନା କରାଯାଏ। ତେଣୁ ଅନ୍ୟ ପୁରୁଷ ସହ ତାଙ୍କ ସମ୍ପର୍କକୁ ବ୍ୟଭିଚାର ତଥା ନିୟମ ବିରୋଧ ବୋଲି ବିବେଚନା କରାଯିବ ।



ନିଜ ପିତା ଓ ସମ୍ପର୍କୀୟ ହତ୍ୟା ଧମକ ଦେଉଥିବା ମହିଳାଜଣକ କୋର୍ଟଙ୍କ ନିକଟରେ କହିଥିଲେ। ତେଣୁ ନିଜର ତଥା ନିଜ ପୁରୁଷ ବନ୍ଧୁଙ୍କ ପାଇଁ ସୁରକ୍ଷା ଲୋଡ଼ିବାକୁ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ଏହି ମାମଲାର ବିଚାର କରି ଜଷ୍ଟିସ ରେନୁ ଅଗ୍ରଓ୍ୱାଲଙ୍କ ପୀଠ କହିଥିଲେ, ଏପରି ଅପରାଧିକ କାର୍ଯ୍ୟକଳାପକୁ କୋର୍ଟ ସମର୍ଥନ ଜଣାଇ ପାରିବେନି। ଆବେଦନକାରୀ ମହିଳାଜଣକ ମୁସଲିମ ଆଇନର ବିପରୀତକୁ ଯାଇ ନିଜ ଲିଭ- ଇନ୍- ପାର୍ଟନରଙ୍କ ସହ ରହିଛନ୍ତି। ମୁସଲିମ୍ ଆଇନ ଅନୁଯାୟୀ ଏହା ଅପରାଧ ସହ ସମାନ ହୋଇଥିବାରୁ କୋର୍ଟ ଏହା ସପକ୍ଷରେ ରାୟ ଦେଇ ପାରିବେନି । ମହିଳାଙ୍କ ବିବାହ କିଛି ବର୍ଷ ପୂର୍ବେ ହୋଇଥିବା ବେଳେ ଉଭୟଙ୍କ ମଧ୍ୟରେ କିନ୍ତୁ ମନୋମାଳିନ୍ୟ ଦେଖିବାକୁ ମିଳିଥିଲା। ଏହାପରେ ଦୁଇ ବର୍ଷ ହେବ ମହିଳାଙ୍କୁ ଛାଡ଼ି ବ୍ୟକ୍ତିଜଣକ ଅନ୍ୟ ଜଣେ ଯୁବତୀଙ୍କ ସହ ରହୁଛନ୍ତି। ଶାଶୁ ଘରୁ ବିତାଡ଼ିତ ହେବା ପରେ ମହିଳାଜଣକ ନିଜ ବାପଘରକୁ ଚାଲି ଯାଇଥିଲେ। ମାତ୍ର ସେ' ତାଙ୍କ ସ୍ୱାମୀଙ୍କ ନିକଟକୁ ଛାଡ଼ପତ୍ର ନେଇ ନ ଥିବା ବେଳେ ଅନ୍ୟ ଜଣେ ଯୁବକଙ୍କ ସହ ରହିବା ଘଟଣାକୁ ନେଇ ତାଙ୍କ ଉପରେ ବର୍ଷିଛନ୍ତି କୋର୍ଟ।

## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

## CONTACT

6371417361 voiceofvictimsnews@gmail.com
www.voiceofvictims.co.in
Follow / Like / Subscribe :
Voice Of Victims News

Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର